
THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ




ଜନସଂଖ୍ୟା ବୃଦ୍ଧି ବିଶ୍ୱବାସୀଙ୍କ ସାମୂହିକ କଲ୍ୟାଣ କ୍ଷେତ୍ରରେ ଗୁରୁତର ବିପଦ ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପ୍ରୟାସରେ ବିରାଟ ପ୍ରତିବନ୍ଧକ ।
–ଆଲବର୍ଟ ଆଇନଷ୍ଟାଇନ୍

♦ବର୍ଷ–୨ ♦ସଂଖ୍ୟା–୧୩ ♦ବରଗଡ଼ ♦ ୩ –୯ ଫେବ୍ରୁଆରୀ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE- 13♦BARGARH ♦3 - 9 FEBRUARY 2023 ♦RS.5/- ♦PAGE-8

କାହା ରାସ୍ତାରେ କଣ୍ଟା ଥିଲେ ନବ
ପୃଷ୍ଠା–୩➔



ଗ୍ଲାମର୍ ଦୁନିଆର ଫ୍ଲେକ୍ସିବଲ୍ ଗାର୍ଲ
ପୃଷ୍ଠା–୫➔



ମୁକ୍ତା ଯୋଜନାକୁ ମିଳିଲା ଅନ୍ତର୍ଜାତୀୟ ମାନ୍ୟତା
ପୃଷ୍ଠା–୬➔




ମହେଶ୍ୱରଙ୍କୁ ନେଇ ନବଙ୍କ ଯାଏଁ
ପୃଷ୍ଠା–୮➔



# ବଜେଟ୍ ୨୩ ଲକ୍ଷ୍ୟ ୨୪



ନୂଆଦିଲ୍ଲୀ: ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଏବଂ ଚଳିତ ବର୍ଷ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ ନିମନ୍ତେ ଏନ୍‌ଡିଏ ସରକାରଙ୍କ ପ୍ରସ୍ତୁତି ବଜେଟ୍‌ରେ ସ୍ପଷ୍ଟ ପରିଲକ୍ଷିତ ହୋଇଛି । ଚଳିତ ବର୍ଷ ହେବାକୁ ଥିବା ମେଘାଳୟ, ତ୍ରିପୁରା, ମିଜୋରାମ, ନାଗାଲାଣ୍ଡ, କର୍ଣ୍ଣାଟକ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା ବିଧାନସଭା ଏବଂ ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପଞ୍ଚମ ପୂର୍ଣ୍ଣାଙ୍ଗ ବଜେଟ୍ ସମ୍ପୂର୍ଣ୍ଣ ଭାବେ ସମର୍ପିତ ହୋଇଥିବା ଦେଖିବାକୁ ମିଳିଛି । କହିବାକୁ ଗଲେ ବଜେଟ୍ ୨୦୨୩ରେ ପୁରା ଲକ୍ଷ ଆସନ୍ତା ୨୪ ନିର୍ବାଚନ ରହିଛି । ଆସନ୍ତା ଲୋକସଭା ନିର୍ବାଚନ ପୂର୍ବରୁ ଏହା ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ ହୋଇଥିବାରୁ ଏଥିରେ ବିଶେଷକରି ମଧ୍ୟବିତ୍ତ ଓ ମହିଳାଙ୍କୁ ଅଧିକ ଫୋକସ୍ କରାଯାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅମୃତ କାଳର ଅସୁମାରୀ ଆଶା ବଜେଟ୍ ଦରବୃଦ୍ଧି, କୃଷକ ଆନ୍ଦୋଳନ, ବେକାରୀ ଆଦି ପ୍ରସଙ୍ଗରେ କ୍ଷୁବ୍ଧ ଦେଶବାସୀଙ୍କ କ୍ଷତରେ ମଲମ ବୋଳିବାକୁ ଚେଷ୍ଟା କରିଛନ୍ତି । ବଜେଟ୍‌ରେ ଆୟକର ଟିକସ ସ୍ଲାବ୍‌ରେ ପରିବର୍ତ୍ତନ ଓ ସରଳୀକରଣ କରାଯାଇ ମଧ୍ୟବିତ୍ତ ବର୍ଗଙ୍କୁ ସନ୍ତୁଷ୍ଟ କରିବା ଲାଗି ପ୍ରୟାସ ହୋଇଛି । କୃଷିକ୍ଷେତ୍ରରେ ଷ୍ଟାର୍ଟଅପ୍, ଏମ୍‌ଏସ୍‌ଏମ୍‌ଇରେ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ସହାୟତା, ରେଲ୍‌ୱେ ଓ ପ୍ରତିରକ୍ଷାକୁ ଅଧିକ ବ୍ୟୟବରାଦ କରାଯାଇଛି ।

କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୩–୨୪ ଆର୍ଥିକ ବର୍ଷ ଲାଗି ୪୫ ଲକ୍ଷ କୋଟି ଟଙ୍କାର ସାଧାରଣ ବଜେଟ୍ ଆଗତ କରିଛନ୍ତି । ସାରା ବିଶ୍ୱ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ଦେଶରେ ଅଭିବୃଦ୍ଧି ଜାରି ରଖିବା ଲାଗି ଉଦ୍ୟମ କରିଛନ୍ତି । ଦେଶର ଅର୍ଥନୈତିକ ଅଭିବୃଦ୍ଧି ୭ ପ୍ରତିଶତ ଆକଳନ କରାଯାଇଛି, ଯାହା ବୃହତ୍ ଅର୍ଥନୀତିଗୁଡ଼ିକ ମଧ୍ୟରେ ଅଗ୍ରଣୀ ସ୍ଥାନ ହାସଲ କରିଛି । ଆର୍ଥିକ ସ୍ଥିତିକୁ ମଜବୁତ ରଖିବା ସହିତ ଜନସାଧାରଣଙ୍କ ଆଶା ପୂରଣ କରିବା ଲାଗି ଅନେକ ପଦକ୍ଷେପ ନେଇଛନ୍ତି । ବ୍ୟକ୍ତିଗତ ଆୟକର ରିହାତି ସୀମାରେ ରିହାତି ଦିଆଯାଇଛି, ଅନେକ ଲୋଭନୀୟ କ୍ଷୁଦ୍ର ସଞ୍ଚୟ ସ୍କିମ୍ ଘୋଷଣା କରାଯାଇଛି । ପୁଞ୍ଜି ବ୍ୟୟରେ ➔ପୃଷ୍ଠା–୭

- ସମୁଦାୟ ବ୍ୟୟ ୪୫ ଲକ୍ଷ କୋଟି
- ଫୋକସ୍‌ରେ ମଧ୍ୟବିତ୍ତ, ଯୁବ, ମହିଳା
- ଆୟକର ରିଆତି ସୀମା ୭ ଲକ୍ଷକୁ ବୃଦ୍ଧି
- ମିଲେଟ୍ ପାଇଁ 'ଶ୍ରୀଅନ୍ନ' ଯୋଜନା
- ରେଳବାଇ ପାଇଁ ୨.୪୧ କୋଟି

# ଖୋଲୁନି ନବ ହତ୍ୟା ଥିଓରୀ

## ହତ୍ୟା ପଛର ବିଭିନ୍ନ କାରଣକୁ ନେଇ ବଢ଼ିବାରେ ଲାଗିଛି ଚର୍ଚ୍ଚା

ଭୁବନେଶ୍ୱର: ନବ ଦାସଙ୍କ ଭଳି ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀଙ୍କୁ କାହିଁକି ଗୁଳି କରିଦେଲା ସାଧାରଣ ପୋଲିସ୍ କର୍ମଚାରୀଟିଏ । ରବିବାର ଦିନ ଦ୍ୱିପହରରେ, ମାଳ ମାଳ ପୋଲିସ୍ ଓ ବିଜେଡି ନେତା–କର୍ମୀଙ୍କ ଉପସ୍ଥିତିରେ ଯେଭଳି ଢଙ୍ଗରେ ଜଣେ ପୋଲିସ୍ କର୍ମଚାରୀ ତାଙ୍କୁ ଗୁଳି କଲେ ତାକୁ ନେଇ ଉଠିଛି ଅନେକ ପ୍ରଶ୍ନ । ସବୁଠାରୁ ବଡ ପ୍ରଶ୍ନ ଯାହା ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରୁଛି, ତା'ହେଲା ହତ୍ୟାକାଣ୍ଡ ପଛର କାରଣ କଣ ? କାହିଁକି ଏଏସ୍‌ଆଇ ଗୋପାଳ ଦାସ ନବଙ୍କୁ ହତ୍ୟା କଲେ ? ଏହା ପଛରେ ରହିଛି କି କିଛି ବଡ଼ ଷଡଯନ୍ତ୍ର ? କୌଣସି ପୁରୁଣା କଥାକୁ ନେଇ ଗୋପାଳଙ୍କ ବ୍ୟକ୍ତିଗତ ଆକ୍ରୋଶର ଶିକାର ହେଲେ କି ନବ ? କିଏ ତିଆରି କରିଥିଲା ନବ ଦାସଙ୍କ ମଡର୍ ପ୍ଲଟ୍ ? ଗୋପାଳ ଦାସ ନିଜେ ଷଡ଼ଯନ୍ତ୍ର ରଚିଥିଲେ ନା ସେ କେବେଳ ଏକ ମୋହରା ଥିଲେ ? ମର୍ଡର ପ୍ଲାନ୍ ପଛରେ



ଆଉ କିଏ ରହିଛି କି ? ଏସବୁ ପ୍ରଶ୍ନ ଉଠୁଥିବା ବେଳେ ହତ୍ୟାକାଣ୍ଡର ୫ ଦିନ ପରେ ବି କ୍ରାଇମ୍ବ୍ରାଞ୍ଚ ହାତ ଖାଲି । କେବଳ ଘନଘନ ତଦନ୍ତ ଭିତରେ ସୀମିତି ରହିଛି ତଦନ୍ତକାରୀ ସଂସ୍ଥା । ବ୍ରଜରାଜନଗରର ଘଟଣାସ୍ଥଳଠୁ ଆରମ୍ଭ କରି ଅଭିଯୁକ୍ତର ପୈତୃକ ଘର ବ୍ରହ୍ମପୁର ଘର ଯାଏଁ ଛାନ୍‌ଭିନ୍ ଚଳାଇଛି କ୍ରାଇମବ୍ରାଞ୍ଚ ଟିମ୍ । ଫରେନ୍ସିକ୍ ଟିମ୍ ସହ ଅତ୍ୟାଧୁନିକ ଜ୍ଞାନକୌଶଳ ସହାୟତାରେ ପ୍ରମାଣ ଗୋଟାଇଛନ୍ତି ଅରୁଣ ବୋଥ୍ରା ଏବଂ ତାଙ୍କ ଟିମ୍ । ପୋଲିସ୍ ଚାକିରିରୁ ବହିଷ୍କୃତ ଗୋପାଳକୃଷ୍ଣ ଦାସ ହିଁ ନବ ଦାସଙ୍କ ହତ୍ୟାକାରୀ ବୋଲି କହିଥିବା କ୍ରାଇମବ୍ରାଞ୍ଚ ପ୍ରମାଣ ଯୋଗାଡ଼ ପାଇଁ ବେଶ୍ ଝାଳବୁହାଇଛ ।

ନବ ଦାସ ହତ୍ୟାକାଣ୍ଡକୁ ନେଇ ଦିନ ଯେତିକି ଗଡୁଛି, ସେତିକି ନୂଆ ଥିଓରୀ ସାମ୍ନାକୁ ଆସୁଛି । ହତ୍ୟାକାଣ୍ଡର କାରଣ ଏଯାଏଁ ସ୍ପଷ୍ଟ ହୋଇନଥିବାରୁ ଏହାକୁ ନେଇ ଚାଲିଛି ଭିନ୍ନ ଭିନ୍ନ ଚର୍ଚ୍ଚା । ମର୍ଡର ପଛରେ ଯେଉଁ ସବୁ କାରଣକୁ ନେଇ ଚର୍ଚ୍ଚା ହେଉଛି ସେଥିରେ ଆଗରେ ରହିଛି ବ୍ୟାବସାୟିକ ଶତ୍ରୁତା । କୋଇଲା ଟ୍ରାନ୍ସପୋର୍ଟିଂ ବିବାଦ ହତ୍ୟା ପଛର ପ୍ରମୁଖ କାରଣ ହୋଇଥାଇ ପାରେ ବୋଲି କୁହାଯାଉଛି । ➔ପୃଷ୍ଠା–୭

### ସମ୍ପାଦକୀୟ

ଭଲ ବଜେଟ୍ ପାଣିଚିଆ

## ୨୧ରୁ ବିଧାନସଭା

## ୨୪ରେ ରାଜ୍ୟ ବଜେଟ୍

ଭୁବନେଶ୍ୱର: ଆସନ୍ତା ୨୧ ତାରିଖରୁ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ । ଏହି ଅଧିବେଶନ ଏପ୍ରିଲ୍ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହା ଦୁଇଟି ପର୍ଯ୍ୟାୟରେ ବସିବ ଓ ଏଥିରେ ମୋଟ୍ ୨୭ଟି କାର୍ଯ୍ୟଦିବସ ରହିଛି । ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବ୍ରୁଆରି ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ଯାଏ ଚାଲିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅଧିକବେଶନ ମାର୍ଚ୍ଚ ୧୦ରୁ ଆରମ୍ଭ ହୋଇ ଏପ୍ରିଲ୍ ୬ ତାରିଖ ଯାଏ ବସିବ । ଅଧିବେଶନର ପ୍ରଥମ ଦିନ ଅର୍ଥାତ ୨୧ ତାରିଖରେ ରାଜ୍ୟପାଳ ଗୃହକୁ ସମ୍ବୋଧିତ କରିବେ । ଫେବ୍ରୁଆରୀ ୨୪ ତାରିଖରେ ୨୦୨୩–୨୪ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ୍ ଉପସ୍ଥାପନ କରିବେ । ସାଧାରଣ ନିର୍ବାଚନ ପୂର୍ବରୁ ଏହା ହେବ ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ । ମାର୍ଚ୍ଚ ୩୧ ତାରିଖରେ ବ୍ୟୟ ମଞ୍ଜୁରି ବିଲ୍ ପାରିତ ହେବ ।

THE AADHAR ODISHA
ଆଧାର ଓଡ଼ିଶା
୦୩-୦୯ ଫେବ୍ରୁଆରୀ ୨୦୨୩



# ଭଲ ବଜେଟ୍ ପାଣିଚିଆ

ସଂଘ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ବଜେଟ୍ ଚଳିତ ସପ୍ତାହରେ ଉପସ୍ଥାପିତ କରିଛନ୍ତି। ଏହା ତାଙ୍କର ଲଗାତାର ୫ମ ବଜେଟ୍ । ବଜେଟ୍‌ର ଅନ୍ଦିସନ୍ଧିକନ୍ଦିକୁ ଅର୍ଥନୀତିଜ୍ଞମାନେ ଦେଖନ୍ତି, ବୁଝିବାକୁ ଚେଷ୍ଟା କରନ୍ତି। ରାଜନେତାମାନେ ସଂସଦରେ ବାଚସ୍ପତିଙ୍କ ଡାହାଣ ପଟେ କି ବାମ ପଟେ ବସୁଛନ୍ତି ତାହାକୁ ଦେଖି ବଜେଟ୍‌କୁ ଟେକାଟେକି କରନ୍ତି କିମ୍ବା ନାକ ଟେକନ୍ତି। ଚଳନ୍ତି ଖାତା ନିଅଣ୍ଟ, ରାଜସ୍ୱ ନିଅଣ୍ଟ, ଖୋଲା ବଜାର ଋଣ, ମୋଟ ଜାତୀୟ ଉତ୍ପାଦ, ମୋଟ ଘରୋଇ ଉତ୍ପାଦ, ପ୍ରତ୍ୟକ୍ଷ ଟିକସ, ପରୋକ୍ଷ ଟିକସ ଭଳି ଅର୍ଥନୀତି ସମ୍ବନ୍ଧିତ କେତେକ ସ୍ୱତନ୍ତ୍ର ଶବ୍ଦାବଳୀ ବା ଜାର୍ଗନର ଉଚ୍ଚାରଣ କରିବା ଏବଂ ଅତି ବେଶିରେ ଏସବୁ ନେଇ ଏକ ଛାୟା ଧାରଣା ବ୍ୟତୀତ ଅନେକ ରାଜନେତା ବିଶେଷ କିଛି ଜ୍ଞାନ ରଖନ୍ତି ବୋଲି ଜଣାପଡେ ନାହିଁ। ଏମିତି ଦେଖିଲେ ଜ୍ଞାନର ବି ଆବଶ୍ୟକତା ନାହିଁ। ସେଇଥି ଲାଗି ତ ମୋଟା ଅଙ୍କର ଦରମା ଓ ସ୍ୱର୍ଗସୁଖର ସୁବିଧା ଦେଇ ଅର୍ଥନୀତି ବିଶାରଦଙ୍କୁ ପୋଷା ଯାଏ। ତେଣୁ ଯେତେବେଳେ ଶାସକ ଗୋଷ୍ଠୀର ରାଜନେତା ବଜେଟ୍‌କୁ ଅଭୂତପୂର୍ବ ସ୍ୱପ୍ନିଳ ଆଖ୍ୟା ଦିଅନ୍ତି, ସେତେବେଳେ ବିରୋଧୀ ଗୋଷ୍ଠୀ ତାହାକୁ ଫମ୍ପା, ଗତାନୁଗତିକ, ନୂତନତାବିହୀନ ବୋଲି ନିନ୍ଦିତ କରନ୍ତି। ଯଦି ସତରେ ସେମାନେ ଠିକ୍‌ରେ ବଜେଟ୍‌କୁ ବୁଝୁଥାନ୍ତେ ତାହାହେଲେ ଆଖିବୁଜା ନିନ୍ଦା କିମ୍ବା ପ୍ରଶଂସା ହୁଅନ୍ତା ନାହିଁ।

ଏଭଳି ସ୍ଥିତିରେ ତୁମେ, ଆମେ ଓ ତାଙ୍କେ ଭଳି ଅର୍ଥନୀତିରେ ନିର୍ବୋଧ ଆମ୍ ଆଦ୍‌ମୀଙ୍କ କଥା କାହିଁ କହିବା ? କେଉଁ ସାମଗ୍ରୀର ଦର ବଢିଲା, କେଉଁ ସାମଗ୍ରୀର ଦର କମିଲା ସେତିକିରେ ଢୋକେ ପିଇ, ଦଣ୍ଡେ ଜିଉଁଥିବା ସାଧାରଣ ନାଗରିକର ବଜେଟ୍ ଆଗ୍ରହ ଓ ଜ୍ଞାନ ଶେଷ। ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ଆଉ ପାଦେ ଆଗକୁ ଯାଇ ଆୟକର ଢାଞ୍ଚାରେ ପରିବର୍ତ୍ତନ ଓ ସମ୍ପତ୍ତି ଉପରେ ଟିକସ ରିହାତି ପ୍ରସ୍ତାବ ସମ୍ପର୍କରେ ଜାଣିବାକୁ ଚାହିଁଥାନ୍ତି। ସେ ଭିତରୁ ଅନେକ ଟିକସ ବ୍ୟବସ୍ଥାର ବୁଢିଆଣି ଜାଲରେ ଛନ୍ଦି ହୋଇ ଅଗମୂଳ କିଛି ଜାଣି ନ ପାରିବା ହେତୁ ସ୍ୱୟଂ ଆୟକର ରିଟର୍ଣ୍ଣ ଦାଖଲ ବ୍ୟବସ୍ଥା ଥିବା ସତ୍ତ୍ୱେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ କିମ୍ବା ଟ୍ୟାକ୍ସ ପ୍ରାକ୍ଟିସ୍ନରଙ୍କ ସହାୟତା ନେବାକୁ ବାଧ ହୋଇଥାନ୍ତି । ସାମଗ୍ରୀ ଦରବୃଦ୍ଧି ହ୍ରାସ, ଆୟକର ଭଳି ପ୍ରତ୍ୟକ୍ଷ ଟିକସ ପ୍ରସଙ୍ଗ ବ୍ୟତୀତ ବଜେଟ୍‌ରେ ଆଉ ବାକି ଯାହା ସବୁ ପ୍ରସ୍ତାବ ଓ ଦେଣନେଣର ଗଣିତ ଥାଏ ତାହାକୁ ସାଧାରଣ ନାଗରିକ ବେଲ ପାଚିଲେ କାଉର କି ଯାଏ ନୀତିରେ ଅଣଦେଖା କରିଥାନ୍ତି।

ସବୁଠାରୁ କୌତୁହଳର କଥା ହେଲା ଯେ, ସବୁ ବର୍ଷ ବଜେଟ୍ ଉପସ୍ଥାପନ ହୋଇ ଆସୁଥିବା ବେଳେ କେବେ ବି କୌଣସି ଏକ ବଜେଟ୍‌ର ସମ୍ପୂର୍ଣ୍ଣ ସମୀକ୍ଷା କରାଯାଇ ଏଥିରେ ସନ୍ନିବେସିତ କେତେ ପ୍ରସ୍ତାବ ପୂରା କାର୍ଯ୍ୟକାରୀ ହୋଇଛି, କେତେ ଆଂଶିକ ହୋଇଛି, କେତେ ବଜେଟ୍ ପ୍ରସ୍ତାବ କାଗଜପତ୍ରରେ ହିଁ ରହି ଯାଇଛି ତାହାକୁ ସାଧାରଣ ଭୋଟରଙ୍କୁ ଜଣାଇବାର ପ୍ରୟାସ କରାଯାଉ ନାହିଁ। ବଜେଟ୍ ପୂର୍ବରୁ ଯେଉଁ ଅର୍ଥନୈତିକ ସର୍ଭେ ରିପୋର୍ଟ ସରକାରଙ୍କ ତରଫରୁ ଦାଖଲ କରାଯାଏ, ସେଥିରେ ସରିଯାଉଥିବା ବର୍ଷର ତ୍ରୁଟିବିଚ୍ୟୁତି କମ୍ ଓ ଭବିଷ୍ୟତର ଗୋଲାପୀ ଚିତ୍ର ଅଧିକ ଥାଏ।

ସାଧାରଣତଃ ଦେଖିବାକୁ ଗଲେ ନିର୍ବାଚନ ପୂର୍ବ ବଜେଟ୍‌ରେ ସରକାର ନିଜକୁ ଦାନବୀର କର୍ଣ୍ଣ ଓ ସାନ୍ତାକ୍ଲଜ୍ ବୋଲି ଦେଖାଇବାକୁ ଚେଷ୍ଟା କରିଥାନ୍ତି। ଏମିତି କିଛି ଲୋଭାଣିଆ ଘୋଷଣା ବଜେଟ୍‌ରେ କରାଯାଏ ଯେପରି କି ପୂର୍ବବର୍ଷଗୁଡିକର ଅର୍ଥନୈତିକ ସନ୍ତାପ ଓ ଯନ୍ତ୍ରଣାକୁ ସାଧାରଣ ଭୋଟର ମଇଲମ ଲଗାଇବା ରକମ ଭୁଲିଯିବ। ତେବେ ବଜେଟ୍‌କୁ ନେଇ ଉପରୋକ୍ତ ସବୁ ସୀମାବଦ୍ଧତା ସତ୍ତ୍ୱେ ବ୍ୟୟ ବରାଦ କ୍ଷେତ୍ର ଓ ଟିକସ ଛାଡର ହିତାଧିକାରୀ ଗୋଷ୍ଠୀଙ୍କୁ ଆଧାର କରି କୌଣସି ଏକ ବଜେଟ୍ ସର୍ବସାଧାରଣହିତକାମୀ କିମ୍ବା କର୍ପୋରେଟ୍ ହାଉସ, ଶିଳ୍ପପତି, ବେପାରୀ, ପୁଞ୍ଜିପତିଙ୍କ ସ୍ୱାର୍ଥସାଧନକାରୀ ତାହା ବୁଝିବା କଷ୍ଟକର ନୁହେଁ।

ଏହି ପୃଷ୍ଠଭୂମିରେ ଚିନ୍ତାକଲେ ନିର୍ମଳାଙ୍କ ପଞ୍ଚମ ବଜେଟ୍‌କୁ ଏକ ସନ୍ତୁଳିତ ବଜେଟ୍ ବୋଲି କୁହାଯାଇ ପାରିବ। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଏବଂ ଚଳିତ ବର୍ଷ ଅତିକମ୍‌ରେ ଚାରି କିମ୍ବା ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଅଛି। ତଥାପି ଅର୍ଥମନ୍ତ୍ରୀ ମାଗଣା ବାଣ୍ଟିବା ଆଭିମୁଖ୍ୟ ଦେଖାଇ ନାହାନ୍ତି। ଟଙ୍କିକିଆ ଚାଉଳ, ୫ ଟଙ୍କିଆ ଭାତ ଡାଲେମା, ଛତା, ଲୋଟା, କମ୍ବଳ, ଯୋତା ବଣ୍ଟନ, ମାଗେଣା ତୀର୍ଥ ଭ୍ରମଣ ଭଳି କାର୍ଯ୍ୟକ୍ରମ ଓ ଯୋଜନା ହୁଏତ ଭୋଟରଙ୍କୁ ସାମୟିକ ଆନନ୍ଦ ଦେଇପାରେ ଏବଂ ଭୋଟ ବି ଗୋଟାଇପାରେ କିନ୍ତୁ ଏହା ଦୀର୍ଘମିଆଦି ଭାବେ ଯେ କ୍ଷତିକାରକ ଅନସ୍ୱୀକାର୍ଯ୍ୟ। ମାଗେଣାଖିଆ ଚରିତ୍ର ଗଠନ କରିବା ଦିଗରେ ପ୍ରୟାସ କରି ନ ଥିବା ହେତୁ ନିର୍ମଳାଙ୍କୁ ଧନ୍ୟବାଦ ଦେବା ଚାହି। ବଜେଟ୍‌ରେ ଭିତ୍ତିଭୂମି ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଭିତ୍ତିଭୂମି ନିର୍ମାଣ ପ୍ରସ୍ତାବ ଭିତରେ ସବୁଠାରୁ ଅଧିକ ପ୍ରାଥମିକତା ପାଇଛି ରେଳ ବିଭାଗ। ଏଠାରେ ମନେ ପଡେ ଆମେରିକାର ପୂର୍ବତନ ରାଷ୍ଟ୍ରପତି କେନେଡିଙ୍କ ଏକ ବୟାନ। ସେ କହିଥିଲେ ଆମେରିକା ସମୃଦ୍ଧ ବୋଲି ରାସ୍ତାଘାଟ ଭଲ ନୁହେଁ, ରାସ୍ତାଘାଟ ଭଲ ହୋଇଥିବାରୁ ଆମେରିକା ସମୃଦ୍ଧ। ନିର୍ମଳାଙ୍କ ଲାଗି ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ ସେ ଏକ ସନ୍ତୁଳିତ ବଜେଟ୍ ଉପସ୍ଥାପିତ କରିଥିବା ସତ୍ତ୍ୱେ ଏହାକୁ ଯେତେଟା ପ୍ରଶଂସା ମିଳିବା କଥା ସେତିକି ମିଳିପାରି ନାହିଁ। ଅଦାନୀ ଶେୟାରର କେଲେଙ୍କାରଜନିତ ପତନ ଯୋଗୁଁ ଅନେକ ରାଷ୍ଟ୍ରାୟତ୍ତ ସଂସ୍ଥା ପାଖାପାଖି ଲକ୍ଷେ କୋଟି ଟଙ୍କା କ୍ଷତିରେ ପଡିଲେଣି ବୋଲି ହିସାବ ସେତେବେଳେ ହିଁ ଆସିଲା ଯେତେବେଳେ ନିର୍ମଳା ଦେଶର ବାର୍ଷିକ ଆୟ-ବ୍ୟୟ ପ୍ରସ୍ତାବ ସଂସଦରେ ଉପସ୍ଥାପନ କରୁଥିଲେ। ଏଲଆଇସି ଓ ଷ୍ଟେଟ୍‌ବ୍ୟାଙ୍କ ଭଳି ବିଭିନ୍ନ ଧନୀ ରାଷ୍ଟ୍ରାୟତ୍ତ ସଂସ୍ଥା ସରକାରୀ ପ୍ରରୋଚନାରେ ପଡି ଅଦାନୀଙ୍କ କମ୍ପାନୀ ଲାଗି ପୁଞ୍ଜି ବିନିଯୋଗ କରିଥିଲେ ବୋଲି ବଜେଟ୍ ପଠନ ବେଳେ ଟୁପୁରୁଟାପୁରୁ ଆରମ୍ଭ ହୋଇଗଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଭାଇ ମୋଦିଙ୍କ ଗୋଟେ ଗାମୁଛା ବନ୍ଧୁ ବୋଲି ଦେଶବିଦେଶରେ ପରିଚିତ ଶିଳ୍ପପତି ଗୌତମ ଅଦାନୀଙ୍କ ବିରୋଧରେ ଉଠିଥିବା କର୍ପୋରେଟ୍ କେଲେଙ୍କାରୀ ଅଭିଯୋଗ ବଜେଟ୍ ଯଶକୁ ପାଣିଚିଆ କରିଦେଇଛି।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା ଲାଗି ଲେଖା ପଠାଇବା ଠିକଣା**
ଇମେଲ୍- aadharodisha8@gmail.com
ଯୋଗାଯୋଗ-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# 'ଫେକ୍ ନିଉଜ' ଅପସାରଣ

ଡକ୍ଟର ପ୍ରଦୀପ ମହାପାତ୍ର

ଭାରତ ସରକାରଙ୍କ ଇଲକ୍ଟ୍ରୋନିକ୍ସ ଓ ଇନଫରମେସନ୍ ଟେକ୍ନୋଲଜି ମନ୍ତ୍ରାଳୟ ପକ୍ଷରୁ ନିଜସ୍ୱ ୱେବ୍‌ସାଇଟରେ ୧୭ ଜାନୁୟାରୀ ୨୦୨୩ରେ 'ଇନଫରମେସନ ଟେକ୍ନୋଲଜି ରୁଲସ ୨୦୨୧'ରେ ସଂଶୋଧନ ନିମନ୍ତେ ଏକ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥିରେ ବର୍ଣ୍ଣିତ ବିବରଣୀ ଅନୁଯାୟୀ 'ପ୍ରେସ ଇନଫରମେସନ୍ ବ୍ୟୁରୋ' ଅନଲାଇନ ପରିବେଶରେ 'ଫେକ ନିଉଜ' ଚିହ୍ନଟ କରି ଅନଲାଇନ ମଧ୍ୟସ୍ଥି କିମ୍ବା ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକୁ ଅପସାରଣ ନିମନ୍ତେ ନିର୍ଦ୍ଦେଶ ଦେବା ଦାୟିତ୍ୱ ନିର୍ବାହ କରିବ ।

ଉଲ୍ଲେଖଯୋଗ୍ୟ ବିଷୟ ଏହିଯେ ମାର୍ଚ୍ଚ ୨୦୨୧ରେ ଇନଫରମେସନ ଟେକ୍ନୋଲଜି ରୁଲସ୍ ପ୍ରକାଶ କାଳରେ କେନ୍ଦ୍ର ସରକାର ଅନଲାଇନ ପରିବେଶରେ ଯେ କୌଣସି ବିଷୟ ପ୍ରକାଶନ ବାରଣ କରିବା 'ବ୍ଲକ', ବନ୍ଦ କରିବା 'ଡ଼ିଲିଟ' ଓ ସଂଶୋଧନ 'ମୋଡ଼ିଫାଇ' ଅଧିକାର ଅକ୍ତିଆର କରିଥିଲେ । ଏହି ପଦକ୍ଷେପ ବିରୋଧରେ ଅଦାଲତର ହସ୍ତକ୍ଷେପ ବାରଣ ହୋଇଥିଲା । ସେହି ଅଧିକାର କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଗଣଯୋଗାଯୋଗ ମୁଖପାତ୍ର 'ପ୍ରେସ ଇନଫରମେସନ୍ ବ୍ୟୁରୋ'କୁ ଦାୟିତ୍ୱ ଦିଆଯାଇଛି । ଉକ୍ତ ସଂସ୍ଥା କେନ୍ଦ୍ର ସରକାରଙ୍କ ନିମନ୍ତେ ଦୀର୍ଘଦିନରୁ ଅନଲାଇନ ପରିବେଶରେ 'ଫେକ ନିଉଜ' ଯାଞ୍ଚ କରିବା କାର୍ଯ୍ୟରେ ନିୟୋଜିତ ରହିଆସିଥିଲା । ବର୍ତ୍ତମାନ 'ଫେକ ନିଉଜ' ପ୍ରସାରଣ ରୋକିବା ମଧ୍ୟ ପ୍ରେସ ଇନଫରମେସନ ବ୍ୟୁରୋର କାର୍ଯ୍ୟ ପରିସରଭୁକ୍ତ ହେଲା ।

କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ସାମ୍ବାଦିକ ମହଲରେ ବିରୋଧ କରାଯାଇଥିଲା । 'ଫେକ ନିଉଜ' ନିର୍ଦ୍ଧାରଣରେ ସରକାରଙ୍କ ଏକତରଫା




ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ ବୋଲି 'ଦି ଏଡ଼ିଟର୍ସ ଗିଲଡ୍ ଅଫ ଇଣ୍ଡିଆ' ପକ୍ଷରୁ କୁହାଯାଇଥିଲା । ପ୍ରେସ ଇନଫରମେସନ୍ ବ୍ୟୁରୋ ଏକ ସରକାରୀ ସଂସ୍ଥା ଏବଂ ସେଠାରେ ନିୟୋଜିତ ସରକାରୀ କର୍ମଚାରୀମାନେ ସରକାର ତଥା ଶାସକ ଦଳ ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ । ଏହି ଯାଞ୍ଚ ପ୍ରକ୍ରିୟା ସ୍ଥଳବିଶେଷରେ 'ସେନସରସିପ'ରେ ପରିଣତ ହେବ ।

ଚିଠା ସଂଶୋଧନ ବିଜ୍ଞପ୍ତି ପ୍ରକାଶନର ପରଦିନ ୧୮ ଜାନୁୟାରୀ ୨୦୨୩ରେ 'ଦି ଏଡ଼ିଟର୍ସ ଗିଲଡ୍ ଅଫ ଇଣ୍ଡିଆ'ର ଅଧ୍ୟକ୍ଷ ସୀମା ମୁସ୍ତାଫା ସାଧାରଣ ସଂପାଦକ ଓ କୋଷାଧ୍ୟକ୍ଷଙ୍କ ସ୍ୱାକ୍ଷର ସମ୍ବଳିତ ପ୍ରତିବାଦରେ ଏକ ପ୍ରସ୍ତାବ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହର କରିବା ନିମନ୍ତେ ଦାବୀ କରାଯାଇଥିଲା । ଦେଶରେ ଅପରାଧିକ ମନୋବୃତ୍ତି ନେଇ ସମ୍ବାଦ ପ୍ରସାରଣ ଓ ସେହି ଭଳି ସମ୍ବାଦ ପ୍ରଘଟକାରୀଙ୍କୁ ଦଣ୍ଡିତ କରିବା ନିମନ୍ତେ ବହୁ ଆଇନ ପ୍ରଚଳିତ ଥିବା ସ୍ଥଳେ ଏକ ସରକାରୀ ସଂସ୍ଥାକୁ ଏକଚାଟିଆ ଯାଞ୍ଚ ଅଧିକାର ପ୍ରଦାନ ଅଭିବ୍ୟକ୍ତିରେ ସ୍ୱାଧୀନତା ପ୍ରତି ଆଞ୍ଚ ଆଣିବ ବୋଲି ଦର୍ଶାଯାଇଥିଲା । 'ଇନଫରମେସନ ଟେକ୍ନୋଲଜି ରୁଲସ ୨୦୨୧' ପ୍ରକାଶ କାଳରେ ମଧ୍ୟ ଗିଲଡ୍ ପକ୍ଷରୁ ବିରୋଧ କରାଯାଇଥିଲା ।

ଅନଲାଇନ ସମ୍ବାଦ ପରିବେଷଣ ଓ ସୋସିଆଲ ମିଡ଼ିଆ ନିୟନ୍ତ୍ରଣ ନିମନ୍ତେ କେନ୍ଦ୍ର ସରକାରଙ୍କ କାର୍ଯ୍ୟାନୁଷ୍ଠାନ ମହାମାରୀ-ପର ଅବସ୍ଥାରୁ ତ୍ୱରାନ୍ୱିତ ହୋଇଥିବା ଲକ୍ଷ୍ୟ କରାଯାଏ । ବିଭିନ୍ନ କାରଣ ମଧ୍ୟରେ ପ୍ରଥମତଃ, ଅନଲାଇନ ସାମ୍ବାଦିକତା ଓ ସୋସିଆଲ ମିଡ଼ିଆରେ ଆବାଳବୃଦ୍ଧାବନିତାଙ୍କ ମଧ୍ୟରେ ପାରସ୍ପରିକ ଯୋଗାଯୋଗ କ୍ରମବିକଶିତ । କାରିଗରୀ-କୌଶଳ ଉପଯୋଗ ନିମନ୍ତେ ଭାରତରେ ସରକାର ଓ ଜନସାଧରଣ ଉଭୟ ପକ୍ଷରୁ ଉତ୍ସାହିତ କରାଯାଉଥିବା ଫଳରେ ବିଭିନ୍ନ ନୂତନ ଉଦ୍ଭାବନ ସର୍ବସାଧାରଣରେ ପ୍ରସାର ଲାଭ କରୁଛି । ସ୍ଥଳବିଶେଷରେ ଅନଲାଇନ ପରିବେଶ ଦୁରୋପଯୋଗ ହେଉଥିବା କିମ୍ବା ଦୁରୋପଯୋଗ ଆଶଙ୍କାରେ ପ୍ରଚଳିତ ନୀତିନିୟମର ପରିବର୍ତ୍ତନ ଜରୁରୀ । ଦେଶର ନ୍ୟାୟାଳୟଗୁଡ଼ିକ ଅନଲାଇନ ଅପରାଧିକ ମାମଲାଗୁଡ଼ିକ ବିଚାରକାଳରେ ସରକାରଙ୍କୁ ନିୟନ୍ତ୍ରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

ଦ୍ୱିତୀୟତଃ, ବିଶ୍ୱର ସର୍ବବୃହତ୍ତ ଗଣତନ୍ତ୍ରରେ କେନ୍ଦ୍ର ସରକାର ଅନଲାଇନ କାରବାର ନିୟନ୍ତ୍ରଣ ଦାୟିତ୍ୱ ନିର୍ବାହ କରୁଥିବା ସ୍ଥଳେ ଚତୁରତାର ସହ ନୂତନ ଆଇନ ପ୍ରଣୟନ ନକରି ପୂର୍ବ ପ୍ରଚଳିତ ଆଇନ ପାଳନ ନିମନ୍ତେ ନିୟମାବଳୀ ସଂଯୋଗ କରିଚାଲିଛନ୍ତି । ଫଳରେ ସରକାର ନିୟନ୍ତ୍ରଣର କ୍ଷମତା ହାସଲ କରିବା ସଂଭବ ଥିବା ସ୍ଥଳେ କେବଳ ନିୟମ ସଂଯୋଗକୁ ନେଇ ଅସନ୍ତୁଷ୍ଟଙ୍କ ବିରୋଧ ତୀବ୍ର ହେବା ଆଶଙ୍କା ନଥାଏ । 'ଇନଫରମେସନ ଟେକନୋଲଜି ଆକ୍ଟ ୨୦୦୦'କୁ ଆଧାର କରି 'ଇନଫରମେସନ ଟେକନୋଲଜି ରୁଲସ ୨୦୨୧' ପ୍ରଣୀତ ହୋଇଥିଲା । ଏହି ନିୟମାବଳୀ ପ୍ରଚଳନରେ ସରକାର କ୍ଷମତା ଉପଭୋଗର ପ୍ରଶସ୍ତ କ୍ଷେତ୍ର ଉନ୍ମୁକ୍ତ କରିପାରିଥିଲେ । ସେହି କ୍ଷମତା କାର୍ଯ୍ୟକାରୀ କରିବା ନିମନ୍ତେ ସରକାରୀ କଳକୁ ନିୟୋଜିତ କରିବାରେ ଆପତ୍ତି ଗ୍ରହଣୀୟ ନହୋଇପାରେ ।

ତୃତୀୟତଃ, ଭାରତରେ ନାଗରିକସମାଜ ସଶକ୍ତ ନୁହେଁ । 'ଫେକ ନିଉଜ' ଏକ ସମସ୍ୟା, ଏଥିରେ ସମସ୍ତେ ଏକମତ ହେବେ । ତେବେ ଏହି ସମସ୍ୟାର ସମାଧାନ ନିମନ୍ତେ ଗଣମାଧ୍ୟମ ମଞ୍ଚଗୁଡ଼ିକର ଶୀର୍ଷ ସଂଗଠନଗୁଡ଼ିକ ପକ୍ଷରୁ ଫଳପ୍ରଦ ଉଦ୍ୟମ ହୋଇପାରିଲା ନାହିଁ । ଆତ୍ମନିୟନ୍ତ୍ରଣ ସୁବିଧା ସୁଯୋଗ ଉପଭୋଗ ନିମନ୍ତେ ଗଣମାଧ୍ୟମ ମଞ୍ଚଗୁଡ଼ିକ ଅବହେଳା କରିଚାଲିଥିଲେ । ଫଳରେ ସରକାରୀ ପଦକ୍ଷେପର ବିରୋଧ ତୀବ୍ର ହେବା କଷ୍ଟକର ।

ଆନ୍ତର୍ଜାତିକ ଗଣମାଧ୍ୟମ ପରିବେଶ ଅନୁଧ୍ୟାନ କଲେ ଭାରତରେ ୨୦୨୪ ସାଧାରଣ ନିର୍ବାଚନରେ 'ଫେକ ନିଉଜ' ପ୍ରଭାବଶାଳୀ ହେବା ଅନୁମାନ କରାଯାଏ । ମୁଖ୍ୟତଃ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ 'ଫେକ ନିଉଜ'ର ଭୂମିକା ବ୍ରାଜିଲର ରାଷ୍ଟ୍ରପତି ନିର୍ବାଚନ ୨୦୨୨ରେ ପ୍ରତିଫଳିତ ହୋଇଥିବା ଉଦବେଗର ବିଷୟ । ବ୍ରାଜିଲର ଘଟଣାବଳୀ ସହ ଭାରତର ତୁଳନାତ୍ମକ ବିବରଣୀ ରାଜନୈତିକ ପ୍ରେକ୍ଷାପଟ୍ଟରେ 'ଫେକ ନିଉଜ'ର ଗୁରୁତ୍ୱ ପ୍ରତିପାଦିତ କରିଥାଏ ।

ବ୍ରାଜିଲରେ ୨୦୨୨ ଅକ୍ଟୋବର ମାସରେ ଆୟୋଜିତ ରାଷ୍ଟ୍ରପତି ନିର୍ବାଚନରେ 'ଫେକ ନିଉଜ' ପ୍ରସାର ରାଜନୀତିକ ଧ୍ରୁବୀକରଣ 'ପଲିଟିକାଲ ପୋଲାରାଇଜେସନ'ର ପ୍ରମୁଖ କାରଣ ରୂପେ ଗଣମାଧ୍ୟମ ବିଶେଷଜ୍ଞମାନେ ଚିହ୍ନଟ କରନ୍ତି । ବ୍ରାଜିଲରେ ପ୍ରତି ଚାରି ବର୍ଷରେ ଥରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୁଏ । ଗତ ୨୦୧୮ ନିର୍ବାଚନରୁ ସେଠାରେ 'ଫେକ ନିଉଜ'ର ପ୍ରଭାବ ପରିଲକ୍ଷିତ ହୋଇଥିଲା । ତେବେ ୨୦୨୨ ନିର୍ବାଚନ ଅବସରରେ ତତ୍କାଳୀନ ରାଷ୍ଟ୍ରପତି ନରମାଂସ ଭକ୍ଷଣ ଓ ଶିଶୁ-ଯୌନାଚାର ଭଳି କାର୍ଯ୍ୟରେ ସଂପୃକ୍ତ ଥିବା, ପ୍ରମୁଖ ବିରୋଧି ତଥା ପରବର୍ତ୍ତୀ ରାଷ୍ଟ୍ରପତି ବାଳିକା ପ୍ରାଥମିକ ବିଦ୍ୟାଳୟରେ ଶୌଚାଳୟଗୁଡ଼ିକୁ ସର୍ବସାଧାରଣଙ୍କ ବ୍ୟବହାରଲାଗି ଉନ୍ମୁକ୍ତ କରିବା ଯୋଜନା ବିଚାର କରୁଥିବା ତଥା ବାମପନ୍ଥୀ ପ୍ରାର୍ଥୀ ନିର୍ବାଚିତ ହେଲେ ଚର୍ଚ୍ଚଗୁଡ଼ିକୁ ବନ୍ଦ କରିଦେବେ ବୋଲି ଗୁଜବ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା ।

ରାଷ୍ଟ୍ରୀୟ ମୁଖ୍ୟ ନିର୍ବାଚନ ଅଧିକାରୀ 'ଫେକ ନିଉଜ' ପ୍ରସାର ରୋକିବା ଲାଗି ନିର୍ବାଚନ ପୂର୍ବରୁ ସୋସିଆଲ ମିଡ଼ିଆ ମଧ୍ୟସ୍ଥିମାନଙ୍କୁ ସରକାରୀସ୍ତରରେ ଚିହ୍ନିତ 'ଫେକ ନିଉଜ'ଗୁଡ଼ିକୁ ନିର୍ଦ୍ଦେଶ ପାଇବାର ମାତ୍ର ଘଣ୍ଟାକ ମଧ୍ୟରେ ଅପସାରଣ କରିବା ନିମନ୍ତେ ନିୟମ ଘୋଷଣା କରିଥିଲେ । ନିର୍ଦ୍ଦେଶ ଅବମାନନାଲାଗି କୋଡ଼ିଏ ଲକ୍ଷ ଟଙ୍କା ଯାଏଁ ଜରିମାନା ଏବଂ ୨୪ ଘଣ୍ଟା ପାଇଁ ମଞ୍ଚ ବନ୍ଦ କରିଦେବା ପ୍ରାବଧାନ ରଖାଯାଇଥିଲା ।

ବ୍ରାଜିଲ ୨୦୧୮ ଓ ୨୦୨୨ ରାଷ୍ଟ୍ରପତି ନିର୍ବାଚନରେ 'ଫେକ ନିଉଜ' ପ୍ରସାର ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୧୪, ୨୦୧୬ ଓ ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ 'ଫେକ ନିଉଜ' ପ୍ରସାର ଧାରା ପ୍ରତିଫଳିତ ହୋଇଥିଲା । ସମୀକ୍ଷକମାନଙ୍କ ମତରେ ଯେଉଁ ରାଷ୍ଟ୍ରଗୁଡ଼ିକରେ ଅଭିମତ ପ୍ରକାଶରେ ସ୍ୱାଧୀନତା ପ୍ରଚଳିତ ଏବଂ ନୂତନ ପ୍ରଯୁକ୍ତି କୌଶଳ ବ୍ୟବହାରକୁ ଉତ୍ସାହିତ କରାଯାଉଛି, ସେହି ସବୁ ଅଞ୍ଚଳରେ ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରାଜିଲରେ ପରିଲକ୍ଷିତ 'ଫେକ ନିଉଜ' ସମସ୍ୟା ଉପୁଜିବା ସୁସ୍ପଷ୍ଟ ଛ ଫ୍ରାନ୍ସ, ବ୍ରିଟେନ ଓ ଜର୍ମାନୀ ରାଷ୍ଟ୍ରପତି ନିର୍ବାଚନରେ ସୋସିଆଲ ମିଡ଼ିଆ ପଲିଟିକାଲ ପୋଲରାଇଜେସନର ଅନ୍ୟତମ କାରଣ ରୂପେ ଚିହ୍ନିତ ହୋଇଥାଏ ।

ବୈଦେଶିକ ରାଷ୍ଟ୍ରଗୁଡ଼ିକରେ ସୃଷ୍ଟ ପରିସ୍ଥିତି ଭାରତରେ ୨୦୨୪ ସାଧାରଣ ନିର୍ବାଚନରେ ଆଶଙ୍କା କରି ସରକାରୀସ୍ତରରେ 'ଫେକ ନିଉଜ' ପ୍ରସାର ସଂଭାଳିବା ନିମନ୍ତେ ନୂତନ ଆଇନ ପ୍ରଣୟନ ପରିବର୍ତ୍ତେ ପ୍ରଚଳିତ ଆଇନଗୁଡ଼ିକୁ କଡ଼ାକଡ଼ି ପାଳନ କରିବା ନିମନ୍ତେ ୨୦୨୧ ଆରମ୍ଭରୁ କ୍ରମାଗତଭାବେ ନିୟମାବଳୀ ବିଜ୍ଞପ୍ତ ହେଉଥିବା ଲକ୍ଷ୍ୟ କରାଯାଏ । ବିରୋଧୀମାନେ ଏହାକୁ ପ୍ରାକ-ଯାଞ୍ଚ 'ପ୍ରି-ସେନସରସିପ' ଆଖ୍ୟା ଦେଉଛନ୍ତି । ଏଥିରେ ଯଥାର୍ଥତା ଥିଲେ ହେଁ, 'ଫେକ ନିଉଜ' ପ୍ରତିରୋଧ କରିବା ନିମନ୍ତେ ବେସରକାରୀସ୍ତରରେ ଫଳପ୍ରଦ ବ୍ୟବସ୍ଥା ହୋଇପାରୁନଥିବା ହେତୁ ସମସ୍ୟାର ସମାଧାନ ନିମନ୍ତେ ବିକଳ୍ପ ପନ୍ଥା ଅଭାବ । ଏହି ପରିବେଶରେ ଗଣମାଧ୍ୟମ ସାକ୍ଷରତା ପ୍ରସାର ଏକ ମାତ୍ର ବିକଳ୍ପ । ଏଥିଲାଗି ସରକାରୀ ଓ ବେସରକାରୀସ୍ତରରେ ବ୍ୟାପକ ଉଦ୍ୟମ ଆବଶ୍ୟକ ।

# କାହା ରାସ୍ତାରେ କଣ୍ଟା ଥିଲେ ନବ



**ଭୁବନେଶ୍ୱର: ରାଜ୍ୟ ରାଜନୀତିର ଜଣାଶୁଣା ଚେହେରା, ବରିଷ୍ଠ ରାଜନେତା ତଥା ମନ୍ତ୍ରୀ ନବ କିଶୋର ଦାସଙ୍କ ମୃତ୍ୟୁରେ ସାରା ଓଡ଼ିଶା ସ୍ତବ୍ଧ ହୋଇଯାଇଛି । ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ପୋଲିସ୍ ଏଏସ୍ଆଇ ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ଗୁଳି ମାରିବା ଘଟଣା ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଛି । ବ୍ରଜରାଜନଗର ଗାନ୍ଧୀ ଛକ ଫାଣ୍ଡିର ଏଏସ୍ଆଇ ଗୋପାଳ ଦାସ ନବ ଦାସଙ୍କୁ କାହିଁକି ସଫା କରିଦେଲେ ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି ତାହା ହିଁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ହତ୍ୟାକାଣ୍ଡର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଛି । ତଦନ୍ତର ୫ ଦିନ ପରେ ବି ତଦନ୍ତକାରୀ ସଂସ୍ଥା ହାତରେ କୌଣସି ଠୋସ୍ ପ୍ରମାଣ ଲାଗିନାହିଁ ।**

### ହତ୍ୟାକୁ ନେଇ ଅନେକ ପ୍ରଶ୍ନ?

ଜଣେ ପୋଲିସ ଅଧିକାରୀ ରାଜ୍ୟର ଜଣେ ମନ୍ତ୍ରୀଙ୍କୁ ଦିନ ଦିପହରେ ସର୍ବସାଧାରଣ ସ୍ଥାନରେ ଗୁଳି କରିବା ଘଟଣାକୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏହାକୁ ନେଇ ଲୋକଙ୍କ ଭିତରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ଏଏସ୍ଆଇ ଗୋପାଳ ଦାସଙ୍କ ସହିତ ନବଙ୍କର କ'ଣ ସମ୍ପର୍କ ଥିଲା? ଉଭୟଙ୍କ ଭିତରେ କିଛି ପୂର୍ବ ଶତ୍ରୁତା ଥିଲା କି? ମାନସିକ ଚାପରେ ଥାଇ ଗୋପାଳ ଏଭଳି କାଣ୍ଡ ଘଟାଇଥିଲେ କି? ଯେତେବେଳେ ଗୋପାଳ ନିଜ ସର୍ଭିସ ବନ୍ଧୁକରୁ ଗୁଳି ଚଳାଇଲେ ସେତେବେଳେ ଅନ୍ୟ ପୋଲିସ ଅଧିକାରୀ ଏବଂ କର୍ମଚାରୀ କେଉଁଠି ଥିଲେ? ଏମିତି ଅନେକ ଅସମାହିତ ପ୍ରଶ୍ନ ଝାରସୁଗୁଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଲୋକଙ୍କ ଭିତରେ ସୃଷ୍ଟି ହୋଇଛି । ନବ ଦାସ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା ଥିଲେ । ସମ୍ବଲପୁରରୁ ବଲାଙ୍ଗୀର ପର୍ଯ୍ୟନ୍ତ ତାଙ୍କ ଭଲ ପ୍ରଭାବ ରହିଥିଲା । ତା'ଛଡ଼ା ତାଙ୍କର ବ୍ୟବସାୟିକ ସାମ୍ରାଜ୍ୟ ମଧ୍ୟ ବହୁତ ଲମ୍ବା ଥିଲା । ତେଣୁ ଏହି ହତ୍ୟାକାଣ୍ଡ ପଛରେ ରାଜନୈତିକ କିମ୍ବା ବ୍ୟବସାୟିକ ଶତ୍ରୁତା ଥାଇପାରେ ବୋଲି ଚର୍ଚ୍ଚା ହେଉଛି । ଆଉ କେହି ବ୍ୟକ୍ତିଗତ ଆକ୍ରୋଶକୁ ମଧ୍ୟ ଦାୟୀ କରୁଛନ୍ତି । ତେବେ ଏସବୁ ପ୍ରଶ୍ନର ଉତ୍ତର କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇପାରିବ ।



### କ'ଣ କରୁଥିଲେ ପିଏସଓ?

ମନ୍ତ୍ରୀମାନଙ୍କ ସୁରକ୍ଷା ଦାୟିତ୍ୱରେ ଜଣେ ଜଣେ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଙ୍କୁ ସରକାର ନିୟୋଜିତ କରିଛନ୍ତି । ସେମାନେ ମନ୍ତ୍ରୀଙ୍କ ପାଖେ ପାଖେ ସବୁବେଳେ ରହିଥା'ନ୍ତି । ହେଲେ ବ୍ରଜରାଜନଗରରେ ଏଭଳି ଏକ ଅଭାବନୀୟ ଘଟଣା ଘଟିବା ବେଳେ ନବ ଦାସଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ କ'ଣ କରୁଥିଲେ ବୋଲି ପ୍ରଶ୍ନ ଉଠିଛି । ଯେତେବେଳେ ନବଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା ସେତେବେଳେ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ କାହିଁକି କୌଣସି ପଦକ୍ଷେପ ନେଲେ ନାହିଁ? ତେଣୁ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିବା ଲାଗି ଦାବି ହେଉଛି ।

### ପୋଲିସ୍‌ର ଚରମ ଅବହେଳା

ଏହି ହତ୍ୟାକାଣ୍ଡ ପରେ ପୋଲିସର ସୁରକ୍ଷା ବ୍ୟବସ୍ଥାର ଦୁର୍ବଳ ଦିଗ ଉପରେ ମଧ୍ୟ ଅନେକ ପ୍ରଶ୍ନ ଉଠୁଛି । ସବୁଠୁ ବଡ଼ ପ୍ରଶ୍ନ ହେଉଛି ଯଦି ହତ୍ୟାକାରୀ ଏଏସ୍ଆଇ ଗୋପାଳ ଦାସଙ୍କ ମାନସିକ ଅବସ୍ଥା ଠିକ୍ ନଥିଲା, ତାହେଲେ ତାଙ୍କୁ ଫାଣ୍ଡି ଇନଚାର୍ଜ କରାଗଲା କେମିତି ? ପୁଣି କେମିତି ତାଙ୍କୁ ଦିଆଗଲା ସର୍ଭିସ୍ ପିସ୍ତଲ । ଏହା ସହ ମନ୍ତ୍ରୀଙ୍କ ଆଗରେ ଥିବା ପାଇଲଟ୍ ଗାଡିରେ ଥିବା ଅଧିକାରୀଙ୍କ ଅବହେଳାକୁ ମଧ୍ୟ ଦାୟୀ କରାଯାଉଛି । କାହିଁକି ଗାଡି ରହିବା ପରେ ମନ୍ତ୍ରୀଙ୍କ ଓହ୍ଲାଇବା ପୂର୍ବରୁ ପାଖକୁ ଯାଇନଥିଲେ ପାଇଲଟ ଗାଡିର ଅଧିକାରୀ । ଏହା ସହ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସୁରକ୍ଷା ଦାୟିତ୍ୱରେ ଥିବା ପିଏସ୍ଓ କଣ କରୁଥିଲେ ବୋଲି ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଗସ୍ତ ବେଳେ କଣ ରହିଛି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୋର୍ ବା ଏସ୍ଓପି, କେମିତି ରହିବା କଥା ସୁରକ୍ଷା ବ୍ୟବସ୍ଥା । ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସଂପୂର୍ଣ୍ଣ କାର୍ଯ୍ୟକ୍ରମ ସଂପର୍କରେ ଜିଲ୍ଲାପାଳ, ଏସ୍ପି ଏବଂ ପୋଲିସ ଡିଜିଙ୍କୁ ଅବଗତ କରାଇଥାନ୍ତି । ଜଣେ ଅଧିକାରୀ ପ୍ରୋଗ୍ରାମ ଇନଚାର୍ଜ ଦାୟିତ୍ୱରେ ରହିଥାନ୍ତି । ଗସ୍ତ କାର୍ଯ୍ୟକ୍ରମକୁ ଦେଖି ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ, ମନ୍ତ୍ରୀଙ୍କ ପିଏସ୍ଓ, ପାଇଲଟିଂ ଓ ପ୍ରୋଟେକ୍ସନ ଫୋର୍ସ ମୁତୟନ ହୋଇଥାନ୍ତି । ପାଇଲଟିଂ ଟିମ୍‌ରେ ଏବଂ ପ୍ରୋଟେକ୍ସନ ଫୋର୍ସରେ ଜଣେ ଲେଖାଏଁ ପୋଲିସ ଅଧିକାରୀ ଓ ହାଫ୍ ସେକ୍ସନ ଫୋର୍ସ ରହିଥାନ୍ତି । ଅଧିକ ଫୋର୍ସ ଆବଶ୍ୟକତା ଥିଲେ ଏସ୍ପି, ରେଞ୍ଜ ଡିଆଇଜିଙ୍କୁ ଜଣାଇଥାନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଗସ୍ତବେଳେ ଇଣ୍ଟେଲିଜେନ୍ସ, ଲ- ଆଣ୍ଡ-ଅର୍ଡର ଟିମ୍ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି ସୁରକ୍ଷା ବ୍ୟବସ୍ଥା ତଦାରଖ କରନ୍ତି । ହେଲେ ନବଙ୍କ ରବିବାର ଦିନ ଗସ୍ତ ବେଳେ ଏସବୁ ପାଳନ କରାଯାଇଥିଲା କି ନାହିଁ, ତ୍ରୁଟି କେଉଁଠି ରହିଲା, ତାହା ସାମ୍ନାକୁ ଆସିବା ଜରୁରୀ ।

### କ୍ଷମତାଶାଳୀ ନେତା

ରାଜ୍ୟ ରାଜନୀତିରେ ଜଣେ କ୍ଷମତାଶାଳୀ ନେତା ଭାବେ ବେଶ୍ ପରିଚୟ ପାଇଥିଲେ ନବ ଦାସ । ଛାତ୍ର ରାଜନୀତିରୁ ସକ୍ରିୟ ରାଜନୀତିରେ ଯୋଗଦେଇ ନବ ବିଶେଷ ସଫଳତା ହାସଲ କରିଥିଲେ । ୨୦୦୯ ଏବଂ ୨୦୧୪ରେ ନବ କଂଗ୍ରେସ ଟିକେଟରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୨୦୧୯ ପୂର୍ବରୁ ସେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ । ୪୫ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିଲେ । ବିଜେଡିର ପଞ୍ଚମ ପାଳି ସରକାରରେ ତାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦ ମିଳିଥିଲା । ଗତ କିଛି ମାସ ତଳେ ବ୍ରଜରାଜନଗର ଏବଂ ପଦ୍ମପୁର ଉପନିର୍ବାଚନରେ ମଧ୍ୟ ନବଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିଲା ।

### ବ୍ୟବସାୟିକ ସାମ୍ରାଜ୍ୟ

ନବକିଶୋର ଦାସ ବସ୍ ମାଲିକଭାବେ ନିଜ ବ୍ୟବସାୟିକ ଜୀବନ ଆରମ୍ଭ କରିଥିଲେ । ସମ୍ବଲପୁରରୁ ଗୋଟିଏ, ଦୁଇଟି ବସ୍ ଚଳାଇ ପରେ ଏହାର ସଂଖ୍ୟା ବୃଦ୍ଧି କରିଥିଲେ । ହେଲେ, ଝାରସୁଗୁଡ଼ାକୁ ଯିବାପରେ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟ ସମୃଦ୍ଧିର ଶୀର୍ଷ ଛୁଇଁଥିଲା । ଝାରସୁଗୁଡ଼ାରେ ଶିଳ୍ପର ବିକାଶ ସହ ନବଙ୍କ ବ୍ୟବସାୟିକ ଅଭ୍ୟୁତ୍ଥାନ ହୋଇଥିଲା । ପରବର୍ତ୍ତୀ ସମୟରେ ନବ ଟ୍ରାନ୍ସପୋର୍ଟ, ରିୟଲ୍ଇଷ୍ଟେଟ୍, ହୋଟେଲ୍ ଶିଳ୍ପ ଭଳି ବ୍ୟବସାୟରେ ପାଦ ଥାପି ସଫଳ ହୋଇଥିଲେ । ସମ୍ବଲପୁର-ଝାରସୁଗୁଡ଼ା ଶିଳ୍ପାଞ୍ଚଳରେ ବହୁ କାରଖାନାର ପରିବହନ ବ୍ୟବସ୍ଥାକୁ ନବ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ନିୟନ୍ତ୍ରିତ କରୁଥିଲେ । ଏକାଧିକ କାରଖାନାରେ ତାଙ୍କ ନିଜ, ପରିବାର ଓ ସମର୍ଥକଙ୍କ ନାମରେ ଶହଶହ ଗାଡ଼ି ଚାଲୁଥିଲା । ନବୀନ ପଟ୍ଟନାୟକଙ୍କ କ୍ୟାବିନେଟ୍‌ରେ ସେ ସବୁଠୁ ଧନୀ ମନ୍ତ୍ରୀ ଥିଲେ ।

### ସୁନା କଳସ ଦେଇ ଚର୍ଚ୍ଚାକୁ ଆସିଥିଲେ ନବ ଦାସ

ତ୍ରିବେଣୀ ଅମାବାସ୍ୟାରେ ମହାରାଷ୍ଟ୍ରର ଅମହଦନଗର ଜିଲ୍ଲାର ଶନି ଶିଙ୍ଗଣାପୁରରେ ଥିବା ଭଗବାନ ଶନିଙ୍କ ପୀଠରେ ସୁନାକଳସ ଦାନକରି ନିକଟରେ ଚର୍ଚ୍ଚାର ପରିସରକୁ ଆସିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ । ଜଣେ ଓଡ଼ିଆ ଭକ୍ତ ୭୦୦ ଗ୍ରାମ ସୁନା ଓ ୫ କେଜି ରୁପାର ଏକ କଳସ ପ୍ରଦାନ କରିଥିବା ଏବଂ ଏହାର ମୂଲ୍ୟ ଏକ କୋଟି ଟଙ୍କା ଏବଂ ମନ୍ଦିରକୁ ଏ ପର୍ଯ୍ୟନ୍ତ ମିଳିଥିବା ଦାନ ମଧ୍ୟରୁ ଏହା ସର୍ବାଧିକ ହୋଇଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ।

### କେଉଁ ମୋଡ଼ ନେବ ଝାରସୁଗୁଡ଼ା ରାଜାନୀତି

ଏଇ ବର୍ଷକ ଭିତରେ ଝାରସୁଗୁଡ଼ା ଜିଲ୍ଲା ଦୁଇ ଦୁଇ ଜଣ ବରିଷ୍ଠ ନେତାଙ୍କୁ ହରାଇଛି । ବ୍ରଜରାଜନଗରର ପୂର୍ବତନ ବିଧାୟକ କିଶୋର ମହାନ୍ତି ଏବଂ ଏବେ ନବ ଦାସଙ୍କ ମୃତ୍ୟୁ ଜିଲ୍ଲା ରାଜନୀତିରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି କରିଛି । କିଶୋରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ଅଳକା ମହାନ୍ତି ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି । ଏବେ ଝାରସୁଗୁଡ଼ାରେ ନବଙ୍କ ଜାଗା କିଏ ନେବ ବୋଲି ରାଜନୀତି କରିଡ଼ରରେ ଚର୍ଚ୍ଚା ହେଉଛି । ନବ ତାଙ୍କ ଝିଅ ଦୀପାଳି ଦାସଙ୍କୁ ସକ୍ରିୟ ରାଜନୀତିରେ ଆଣିବାକୁ ଚାହୁଁଥିଲେ । ତେଣୁ ନବଙ୍କ ସହିତ ଦୀପାଳିଙ୍କୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଥିଲା । ଏପରିକି ବ୍ରଜରାଜନଗର ଏବଂ ପଦ୍ମପୁର ଉପନିର୍ବାଚନ ବେଳେ ଦୀପାଳି ପ୍ରଚାର ମଧ୍ୟ କରୁଥିଲେ । ଆଗାମୀ ଦିନରେ ନବଙ୍କ ଝିଅ ଦୀପାଳି ଝାରସୁଗୁଡ଼ା ରାଜନୀତିର ମଙ୍ଗ ଧରିପାରନ୍ତି ବୋଲି ଆଲୋଚନା ହେଉଛି ।

### ବ୍ୟକ୍ତିଗତ ଜୀବନ

୭ ଜାନୁଆରି ୧୯୬୨ରେ ସମ୍ବଲପୁର ସହରର ମୁଦିପଡ଼ାରେ ନବକିଶୋର ଦାସଙ୍କ ଜନ୍ମ । ସେ ମୁଦିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା, ସମ୍ବଲପୁର ଜିଲ୍ଲା ସ୍କୁଲ୍‌କୁ ହାଇସ୍କୁଲ୍ ଶିକ୍ଷା ଗ୍ରହଣ କରିଥିବାବେଳେ ୧୯୭୮ ମସିହାରେ ଭୋଜପୁର ଆଶ୍ରମ ହାଇସ୍କୁଲ୍‌କୁ ମାଟ୍ରିକ୍ ପାସ୍ କରିଥିଲେ । ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ ଡିଗ୍ରି ହାସଲ କରିବା ପରେ ସେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଅଧିକ ଶିକ୍ଷା ଲାଭ କରିଥିଲେ । ନବ ୧୯୮୯ରେ ଇଂରାଜୀରେ ଏମ୍ଏ ଓ ୧୯୯୪ରେ ଆଇନ୍‌ର ସ୍ନାତକ ଡିଗ୍ରି ହାସଲ କରିଥିଲେ । ମୁଦିପଡ଼ା ନିବାସୀ ନୃସିଂହ ଦାସ ଓ ବିଷ୍ଣୁପ୍ରିୟା ଦାସଙ୍କ ଦ୍ୱିତୀୟ ପୁତ୍ର ଥିଲେ ନବକିଶୋର । ତାଙ୍କର ବଡ଼ ଓ ଏକମାତ୍ର ଭଉଣୀ ଜ୍ୟୋତି ସମ୍ବଲପୁର ମ୍ୟୁନିସିପାଲିଟିର ପୂର୍ବତନ ସଭାପତି ଆନନ୍ଦ ଜେନାଙ୍କ ପତ୍ନୀ । ତାଙ୍କର ବଡ଼ଭାଇ ରାଜକିଶୋର ଦାସ, ଦୁଇ ସାନ ଭାଇ ବ୍ରଜକିଶୋର ଦାସ ଓ ଯୁଗଳ କିଶୋର ଦାସ ସମ୍ବଲପୁରର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ନବ ମିନତି ଦାସଙ୍କୁ ବିବାହ କରିଥିଲାବେଳେ ସେମାନଙ୍କ ଗୋଟିଏ ପୁଅ ବିଶାଳ ଓ ଗୋଟିଏ ଝିଅ ଦୀପାଳି ଅଛନ୍ତି । ଝିଅ ଦୀପାଳିଙ୍କୁ ନବ ନିଜର ରାଜନୈତିକ ଉତ୍ତରାଧିକାରୀଭାବେ ପରିଚିତ କରାଉଥିଲେ । ନିଜ ପିତାମାତାଙ୍କ ନାମରେ ଦାତବ୍ୟ କାର୍ଯ୍ୟ ପାଇଁ ସେ ନୃସିଂହବିଷ୍ଣୁପ୍ରିୟା ଟ୍ରଷ୍ଟ ନାମରେ ଏକ ଟ୍ରଷ୍ଟ ଗଠନ କରିଥିଲେ ।







# ରେଲୱେ ପାଇଁ ୨.୪ ଲକ୍ଷ କୋଟି



ନୂଆଦିଲ୍ଲୀ: ୨୦୨୩-୨୪ କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରେଲୱେ ପାଇଁ ସର୍ବାଧିକ ୨.୪ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ୨୦୧୩-୧୪ ଆର୍ଥିକ ବର୍ଷର ବ୍ୟୟବରାଦ ତୁଳନାରେ ଏହା ୯ ଗୁଣ ଅଧିକ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ବଜେଟ୍ ଆକଳନ ଅନୁଯାୟୀ ୨୦୨୩-୨୪ ବର୍ଷରେ ରେଲୱେର ମୋଟ ରାଜସ୍ୱ ବ୍ୟୟ ପରିମାଣ ୨,୬୫,୦୦୦ କୋଟି ଟଙ୍କା ହେବ । ୨୦୨୨-୨୩ ବର୍ଷରେ ସଂଶୋଧିତ ବ୍ୟୟ ଆକଳନ ୨,୪୨,୮୯୨.୭୭ କୋଟି ଟଙ୍କା ଥିଲା । ଆସନ୍ତା ଆର୍ଥିକ ବର୍ଷରେ ଷ୍ଟ୍ରାଟେଜିକ୍ ଲାଇନଗୁଡ଼ିକର କାର୍ଯ୍ୟକାରିତାରେ ହେବାକୁ ଥିବା କ୍ଷତି ଭରଣା ପାଇଁ ୪୮୭.୫୧ କୋଟି ଟଙ୍କା ରଖାଯାଇଛି, ଯାହାକି ୨୦୨୨-୨୩ ବର୍ଷରେ ୨,୪୬୧.୯୦ କୋଟି ଟଙ୍କା ଥିଲା । ଜାତୀୟ ପ୍ରକଳ୍ପଗୁଡ଼ିକ ନିମନ୍ତେ ବଜାର ଋଣର ସୁଧ ଇତ୍ୟାଦି ପରିଶୋଧ ବାବଦକୁ ୭୮୦ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯାଇଛି । ରେଲୱେ ପାଇଁ ବଜେଟ୍‌ରେ ମୋଟ ପୁଞ୍ଜି ବ୍ୟୟ ଆକଳନ ୨,୬୦,୨୦୦ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ୨,୪୦,୦୦୦ କୋଟି ସାଧାରଣ ରାଜସ୍ୱରୁ, ୨୦୦ କୋଟି ନିର୍ଭୟା ପାଣ୍ଠିରୁ, ୩,୦୦୦ କୋଟି ଆଭ୍ୟନ୍ତରୀଣ ସମ୍ବଳରୁ ଏବଂ ୧୭ ହଜାର କୋଟି ଆଭ୍ୟନ୍ତରୀଣ ଏବଂ ଅତିରିକ୍ତ ବଜେଟାରି ସମ୍ବଳରୁ ଭରଣା କରାଯିବ । ୨୦୨୩-୨୪ ବର୍ଷରେ ରେଲୱେର ମୋଟ ଆୟ ୨,୬୫,୦୦୦ କୋଟି ଟଙ୍କା ହେବ, ଯାହାକି ବିଦାୟୀ ଆର୍ଥିକ ବର୍ଷରେ ୨,୪୨,୮୯୨.୭୭ କୋଟି ଟଙ୍କା ଥିଲା । ଯାତ୍ରୀମାନଙ୍କ ଆଶା ଆକାଂକ୍ଷା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ରେଲୱେ ରାଜଧାନୀ, ଶତାବ୍ଦୀ, ଦୁରନ୍ତୋ, ହମ୍‌ସଫର ଏବଂ ତେଜସ୍ ଭଳି ପ୍ରିମିୟର ଟ୍ରେନ୍‌ଗୁଡ଼ିକର ଆଉ ୧,୦୦୦ରୁ ଊର୍ଦ୍ଧ୍ୱ କୋଚ୍‌କୁ ନବୀକରଣ କରିବା ଲାଗି ଯୋଜନା କରିଛି । ୩୫ଟି ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍, ୪,୫୦୦ଟି ନୂଆ ଡିଜାଇନର ଅଟୋମୋବାଇଲ କ୍ୟାରିୟର କୋଚ୍, ୫,୦୦୦ ଏଲ୍‌ଏଚ୍‌ବି କୋଚ ଏବଂ ୫୮ ହଜାର ୱାଗନ୍ ନିର୍ମାଣ ଲାଗି ବଜେଟ୍‌ରେ ପ୍ରସ୍ତାବ ରହିଛି । ବନ୍ଦେ ଭାରତ ହାଇସ୍ପିଡ୍ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିବାରୁ ଟ୍ରାକ୍ ନବୀକରଣ ବାବଦରେ ଚଳିତ ବର୍ଷ ୧୭,୨୯୬.୮୪ କୋଟି ଟଙ୍କା ବ୍ୟୟ ହେବ, ଯାହାକି ୨୦୨୨-୨୩ ବର୍ଷରେ ୧୫,୩୮୮.୦୫ କୋଟି ଟଙ୍କା ଥିଲା । ପୂର୍ବ ବଜେଟ୍‌ରେ ରେଲୱେ ପାଇଁ ୧.୪ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା ।

# ପ୍ରତିରକ୍ଷା କ୍ଷେତ୍ରକୁ ୫.୯୪ ଲକ୍ଷ କୋଟି

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ରତିରକ୍ଷା ବାବଦ ବ୍ୟୟବରାଦ ୫.୯୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ସେଥିରୁ ୧.୬୨ ଲକ୍ଷ କୋଟି ଟଙ୍କା ପୁଞ୍ଜି ବ୍ୟୟ ପାଇଁ ରଖାଯାଇଛି, ଯେଉଁଥିରେ ନୂଆ ଅସ୍ତ୍ରଶସ୍ତ୍ର, ବିମାନ, ଯୁଦ୍ଧଜାହାଜ ଏବଂ ଅନ୍ୟାନ୍ୟ ସାମରିକ ସରଞ୍ଜାମ କିଣାଯିବ । ଗତବର୍ଷ ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ବଜେଟରେ ୫.୨୫ ଲକ୍ଷ କୋଟି ଟଙ୍କା ରଖାଯାଇଥିଲା ବେଳେ ପୁଞ୍ଜି ବ୍ୟୟ ପରିମାଣ ଥିଲା ୧.୫୨ ଲକ୍ଷ କୋଟି ଥିଲା । କିନ୍ତୁ ପରେ ସଂଶୋଧିତ ଆକଳନ ଅନୁଯାୟୀ ବ୍ୟୟ ପରିମାଣ ୧.୫୦ ଲକ୍ଷ କୋଟି ହୋଇଥିଲା । ୨୦୨୩-୨୪ରେ ପ୍ରତିରକ୍ଷା ବିଭାଗର ବେତନ ପ୍ରଦାନ ଏବଂ ପ୍ରତିଷ୍ଠାନଗୁଡ଼ିକର ରକ୍ଷଣାବେକ୍ଷଣ ଇତ୍ୟାଦି ବାବଦରେ ରାଜସ୍ୱ ବ୍ୟୟ ବାବଦକୁ ୨,୭୦,୧୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ୨୦୨୨-୨୩ରେ ଏହି ପରିମାଣ ଥିଲା ୨,୩୯,୦୦୦ କୋଟି ଟଙ୍କା । ଆସନ୍ତା ଆର୍ଥିକ ବର୍ଷରେ ପ୍ରତିରକ୍ଷା ମନ୍ତ୍ରଣାଳୟ (ସିଭିଲ) ପାଇଁ ପୁଞ୍ଜି ବ୍ୟୟ ବାବଦରେ ୮,୭୭୪ କୋଟି ରଖାଯାଇଛି । ସେହିପରି ପ୍ରତିରକ୍ଷା କର୍ମଚାରୀମାନଙ୍କ ପେନ୍‌ସନ ବାବଦକୁ ୧,୩୮,୨୦୫ କୋଟି ଟଙ୍କା ରଖାଯାଇଛି । ପେନ୍‌ସନ୍ ସମେତ ମୋଟ ରାଜସ୍ୱ ବ୍ୟୟ ପରିମାଣ ୪,୨୨,୧୬୨ କୋଟି ଟଙ୍କା ଆକଳନ କରାଯାଇଛି । ବଜେଟ୍ ପେପର ଅନୁଯାୟୀ ପ୍ରତିରକ୍ଷା ବାବଦ ମୋଟ ବଜେଟ ପରିମାଣ ୫,୯୩,୫୩୭.୬୪ କୋଟି ଟଙ୍କା ।



## ବଜେଟ୍‌ରେ ହୋଇଥିବା ମୁଖ୍ୟ ଘୋଷଣା

- ଫୋକସ୍‌ରେ ବିକାଶ, ଭିତ୍ତିଭୂମି, ଗରିବ ଓ ମଧ୍ୟବିତ୍ତ
- ଚାଷୀ, ମହିଳା, ଯୁବବର୍ଗଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ
- ନଜରରେ ଓବିସି, ଜାତି ଓ ଉପଜାତି
- ପ୍ରଧାନମନ୍ତ୍ରୀ ଆବାସ ବ୍ୟୟ ଅଟକଳ ୭୯୦୦୦ କୋଟିକୁ ବଢ଼ିଲା
- ୧୫୭ ମେଡ଼ିକାଲ କଲେଜ ପାଖରେ ହେବ ୧୫୭ ନୂତନ ନର୍ସିଂ କଲେଜ
- କୃଷି, ପଶୁପାଳନ, ଡେରି ଓ ମତ୍ସ୍ୟପାଳନ ପାଇଁ ୨୦ଲକ୍ଷ କୋଟିର ଋଣ
- ପ୍ରାକୃତିକ କୃଷିକୁ ଗ୍ରହଣ ଲାଗି ୧ କୋଟି ଚାଷୀଙ୍କୁ ଦେବେ ପ୍ରୋତ୍ସାହନ
- ଏସ୍‌ଏଚ୍‌ଜି ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ
- ବ୍ୟବସାୟ ପାଇଁ ସାଧାରଣ ପରିଚୟ ପତ୍ର ଏବେ ପାନ୍ କାର୍ଡ
- ଏକଲବ୍ୟ ବିଦ୍ୟାଳୟରେ ନିଯୁକ୍ତି ପାଇବେ ୩୮,୮୦୦ ଶିକ୍ଷକ ଓ କର୍ମଚାରୀ
- ୧ଲକ୍ଷ ପୁରୁଣା ଅଭିଲେଖାଗାରର ଡିଜିଟାଇଜେସନ୍ ନିଷ୍ପତ୍ତି
- ଦେଶରେ ଆଉ ୫୦ଟି ନୂଆ ବିମାନବନ୍ଦର ଓ ହେଲିପ୍ୟାଡ୍
- ରେଳବାଇର ପୁଞ୍ଜିବ୍ୟୟ ୨.୪ ଲକ୍ଷ କୋଟିକୁ ବୃଦ୍ଧି
- ସବୁଜ ଶକ୍ତିକୁ କେନ୍ଦ୍ର ସରକାରଙ୍କ ଗୁରୁତ୍ୱ
- ସବୁଜ ଇନ୍ଧନ, ସବୁଜ ଉର୍ଜା, ପ୍ରଦୂଷଣ ମୁକ୍ତ ଚାଷ
- ପ୍ରଦୂଷଣମୁକ୍ତ ଗମନାଗମନ, ସବୁଜ ବିଲ୍ଡିଂ ପାଇଁ ନିଷ୍ପତ୍ତି
- କୋଇସି ପ୍ରକ୍ରିୟାର ସରଳୀକରଣ
- କୃଷି ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ ପାଇଁ କୃଷି ତ୍ୱରାନ୍ୱିତ ପାଣ୍ଠି ପ୍ରତିଷ୍ଠା କରାଯିବ
- ଉଦ୍ୟାନ କୃଷି ଫସଲ ପ୍ରୋତ୍ସାହନ ପାଇଁ ୨୨୦୦ କୋଟି
- ନୂତନ ପ୍ରାଥମିକ ସମବାୟ ସମିତି ଗଠନ ପାଇଁ ଉଚ୍ଚାଭିଳାଷୀ ଯୋଜନା
- ଦୁଗ୍ଧ, ମତ୍ସ୍ୟ ଉତ୍ପାଦନ, କୃଷି, କୃଷକ ଓ ପଶୁପାଳନ କ୍ଷେତ୍ରକୁ ସଂପ୍ରସାରଣ
- ମିସନ୍ ମୋଡ୍‌ରେ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ନିଷ୍ପତ୍ତି
- ୧୦୦ଟି ଗୁରୁତ୍ୱପୂର୍ଣ୍ଣ ପରିବହନ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ହେବ
- ଶିଶୁ, କିଶୋରଙ୍କ ପାଇଁ ଜାତୀୟ ଡିଜିଟାଲ୍ ଲାଇବ୍ରେରୀ ପ୍ରତିଷ୍ଠା ହେବ
- ପ୍ରତିଷ୍ଠା ହେବ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି
- ୫୦୦ଟି ନୂଆ ବର୍ଜ୍ୟରୁ ଆବର୍ଜନ ପ୍ଲାଣ୍ଟ ପ୍ରତିଷ୍ଠା ହେବ
- ବିଭିନ୍ନ ରାଜ୍ୟରେ ୩୦ଟି ସ୍କିଲ ଇଣ୍ଡିଆ ଅନ୍ତର୍ଜାତୀୟ କେନ୍ଦ୍ର ପ୍ରତିଷ୍ଠା ନିଷ୍ପତ୍ତି
- ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମିଲେଟ୍ ରିସର୍ଚ୍ଚ ହେବ ଉତ୍କର୍ଷ କେନ୍ଦ୍ର
- ୬୩ ହଜାର ପ୍ରାଥମିକ କୃଷି ଋଣ ସମବାୟ ସମିତିର କମ୍ପ୍ୟୁଟରୀକରଣ
- ପିଭିଟିଜିଙ୍କ ବିକାଶ ମିସନ ପାଇଁ ୧୫ ହଜାର କୋଟି ଟଙ୍କାର ବ୍ୟୟବରାଦ
- ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ହେବ ଜିଲ୍ଲା ଶିକ୍ଷା ଓପ୍ରଶିକ୍ଷଣ ସଂସ୍ଥାନ
- ରାଜ୍ୟକୁ ୫୦ବର୍ଷର ସୁଧ ମୁକ୍ତ ଋଣ ବ୍ୟବସ୍ଥାକୁ ଆଉ ବର୍ଷେ ବୃଦ୍ଧି
- ସେପ୍ଟିକ୍ ଟାଙ୍କି ଓ ନାଳରୁ ମଳ ସଫା କାର୍ଯ୍ୟକ୍ରମ ମେସିନ୍‌ରେ ହେବ
- ଅତି କମରେ ୫୦ଟି ପର୍ଯ୍ୟଟନ କେନ୍ଦ୍ରକୁ ବିକଶିତ କରିବାକୁ ନିଷ୍ପତ୍ତି
- ରାଜ୍ୟମାନଙ୍କୁ ଜିଏସ୍ଡିପିର ୩.୫% ବିତ୍ତୀୟ ନିଅଣ୍ଟ ପାଇଁ ଅନୁମତି
- ୦.୫ % ବିଦ୍ୟୁତ୍ କ୍ଷେତ୍ରରେ ସୁଧାର ସହିତ ଯୋଡ଼ିହେବା ଲାଗି ସର୍ତ୍ତ

# ମହିଳାଙ୍କ ପାଇଁ ନୂଆ ସଞ୍ଚୟ ଯୋଜନା

ଏହି ବଜେଟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ୨୫,୪୪୮.୭୫ କୋଟି ଟଙ୍କା ଦିଆଯିବ, ଯାହାକି ଗତ ଆର୍ଥିକ ବର୍ଷରେ ଆବଣ୍ଟିତ ୨୫,୧୭୨.୨୮ କୋଟି ଟଙ୍କାଠାରୁ ମାତ୍ର ୨୬୭ କୋଟି ଅଧିକ । ତେବେ ନିର୍ମଳା ସୀତାରାମନଙ୍କ ବଜେଟ ଅଭିଭାଷଣର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘୋଷଣା ହେଉଛି 'ମହିଳା ସମ୍ମାନ ସେଭିଂ ସାର୍ଟିଫିକେଟ୍' । ଏହି ନୂଆ ଯୋଜନାରେ ମହିଳାମାନେ ୨ ବର୍ଷ ପାଇଁ ସଞ୍ଚୟ କଲେ ୭.୫% ସୁଧ ପାଇବେ । 'ମହିଳା ସମ୍ମାନ ସେଭିଂ ପାତ୍ର'ରେ ଜଣେ ମହିଳା କିମ୍ବା ଶିଶୁକନ୍ୟାଙ୍କ ନାମରେ ଏକକାଳୀନ ଅର୍ଥ ଜମା କରାଯିବ । ସର୍ବାଧିକ ଜମାରାଶି ୨ ଲକ୍ଷ ଟଙ୍କାରେ ସୀମିତ ରହିବ, ଯହିଁରୁ ଆଂଶିକ ଅର୍ଥ ଉଠାଣ କରିହେବ । ଅନ୍ୟପକ୍ଷେ ମହିଳାଙ୍କୁ ଆର୍ଥିକ ଦିଗରୁ ସଶକ୍ତ କରିବା ପାଇଁ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା ନ୍ୟାଶନାଲ ରୁରାଲ ଲିଭିଲ୍‌ହୁଡ୍ ମିଶନ ଅଧୀନେରେ ୮୧ ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ପ୍ରତିଷ୍ଠା କରାଯାଇଛି । ଏହି ଗ୍ରୁପ୍‌ଗୁଡ଼ିକୁ ଆର୍ଥିକ ସଶକ୍ତୀକରଣର ପରବର୍ତ୍ତୀ ସ୍ତରରେ ପହଞ୍ଚାଇବା ପାଇଁ ବୃହତ ଉତ୍ପାଦକ ଏଣ୍ଟରପ୍ରାଇଜେସ୍ ବା କଲେକ୍ଟିଭ୍ସ ଗଠନ କରାଯିବ । ପ୍ରତ୍ୟେକ ଗୋଷ୍ଠୀରେ ଅନେକ ହଜାର ମହିଳା ସଦସ୍ୟ ରହିବେ ।




## ନୂଆ ଯୋଜନା

- ମହିଳା ସମ୍ମାନ ସଞ୍ଚୟ ସାର୍ଟିଫିକେଟ୍
- ବିକଳ୍ପ ସାର ପାଇଁ ପିଏମ୍-ପ୍ରଣାମ ସ୍କିମ୍
- ପିଏମ୍ ମତ୍ସ୍ୟ ସମ୍ପଦ ଯୋଜନା ସବ୍-ସ୍କିମ୍
- ଆର୍ଦ୍ରଭୂମି ବ୍ୟବହାର ପାଇଁ ଅମୃତ ଧରୋହର ସ୍କିମ୍
- ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା କୌଶଳ ସମ୍ମାନ
- ହେନ୍ତାଳବଣ ବୃଦ୍ଧି ପାଇଁ ମିଷ୍ଟି ସ୍କିମ୍
- ୱେଟ୍ ଟୁ ୱେଲଥ୍ ପ୍ଲାଣ୍ଟ ପାଇଁ ଗୋବର୍ଦ୍ଧନ ସ୍କିମ୍

## କେନ୍ଦ୍ର ସରକାରଙ୍କ ଖର୍ଚ୍ଚ

କେନ୍ଦ୍ର ବଜେଟ ୨୦୨୩-୨୪



୨୦୨୩ ପାଇଁ ବଜେଟ ଅନୁମାନ


ମୋଟ ୪୫,୦୩,୦୯୭

(କୋଟି ଟଙ୍କାରେ)

| | |
|---|---|
| ସୁଧ | ୧୦,୭୯,୯୭୧ |
| ପରିବହନ | ୫,୧୭,୦୩୪ |
| ପ୍ରତିରକ୍ଷା | ୪,୩୨,୭୨୦ |
| ପ୍ରମୁଖ ରିହାତି | ୩,୭୪,୭୦୭ |
| ରାଜ୍ୟକୁ ପ୍ରଦାନ | ୩,୨୪,୬୪୧ |
| ଗ୍ରାମାଞ୍ଚଳ ବିକାଶ | ୨,୩୮,୨୦୪ |
| ପେନ୍‌ସନ | ୨୩୪୩୯୫ |
| ଟିକସ ପ୍ରଶାସନ | ୧୯୪୭୪୯ |
| ସ୍ୱରାଷ୍ଟ୍ର ବ୍ୟାପାର | ୧,୩୪,୯୧୭ |
| ଶିକ୍ଷା | ୧,୧୨,୮୯୯ |
| ଶକ୍ତି | ୯୪,୯୧୫ |
| ସୂଚନା ପ୍ରଯୁକ୍ତି ଏବଂ ଦୂରସଞ୍ଚାର | ୯୩,୪୭୮ |
| ସ୍ୱାସ୍ଥ୍ୟ | ୮୮,୯୫୬ |
| କୃଷି ଏବଂ ତତ୍‌ସମ୍ବନ୍ଧୀୟ କାର୍ଯ୍ୟ | ୮୪,୨୧୪ |
| ସହରାଞ୍ଚଳ ବିକାଶ | ୭୬,୪୩୨ |
| କେନ୍ଦ୍ରାଞ୍ଚଳ | ୬୧,୧୧୮ |
| ପିଏମ୍ କିଷାନ | ୬୦,୦୦୦ |
| ସାମାଜିକ କଲ୍ୟାଣ | ୫୫,୦୮୦ |
| ବାଣିଜ୍ୟ ଏବଂ ଶିଳ୍ପ | ୪୮,୧୬୯ |
| ବୈଜ୍ଞାନିକ ବିଭାଗ | ୩୨,୨୨୫ |
| ବହିର୍ବ୍ୟାପାର | ୧୮,୦୫୦ |
| ଅର୍ଥ | ୧୩,୫୭୪ |
| ଯୋଜନା ଏବଂ ପରିସଂଖ୍ୟାନ | ୬,୨୬୮ |
| ଉତ୍ତରପୂର୍ବାଞ୍ଚଳ ବିକାଶ | ୫,୮୯୨ |
| ଅନ୍ୟାନ୍ୟ | ୧,୨୦,୫୨୪ |

## ଶସ୍ତା

- ବୈଦ୍ୟୁତିକ ଯାନ ଲାଗି ବ୍ୟବହୃତ କଞ୍ଚାମାଲ
- ଖେଳନା
- ସାଇକେଲ
- ଅଟୋମୋବାଇଲ
- ସ୍ୱଦେଶୀ ମୋବାଇଲ
- କ୍ୟାମେରା ଲେନ୍ସ
- ଲିଥିୟମ ଆୟନ ବ୍ୟାଟେରି
- ଷ୍ଟିଲ୍, ଏଲ୍‌ଇଡି ଟିଭି



## ମହଙ୍ଗା


- ସୁନା, ରୁପା
- ମଦ, ସିଗାରେଟ
- ପୋଷାକ, ଛତା
- ପ୍ଲାଟିନମ
- ହେଡ୍ ଫୋନ
- ବୈଦ୍ୟୁତିକ କିଚେନ ଚିମିନି
- ଆମଦାନୀ ହୋଇଥିବା ସାଇକେଲ





# ଗ୍ଲାମର୍ ଦୁନିଆର ଫ୍ଲେକ୍ସିବଲ୍ ଗାର୍ଲ

ସେ ଚଳଚ୍ଚିତ୍ର ହେଉ କି ଟିଭି ଇଣ୍ଡଷ୍ଟ୍ରି, ଗ୍ଲାମର୍ ସହ ଜଡିତ ଅଭିନେତ୍ରୀମାନେ ସେମାନଙ୍କ ଫିଟ୍‌ନେସ୍ ପ୍ରତି ସବୁବେଳେ ସଚେତନ ଥାଆନ୍ତି । ସକାଳେ ଉଠିବା, ଜିମ୍ ଯିବା, ଯୋଗ କରିବା ଏବଂ ଏକ ସୁସ୍ଥ ଡାଏଟ୍ ଅନୁସରଣ କରିବା ସେମାନଙ୍କ ନିତ୍ୟକର୍ମରେ ରହିଥାଏ । ସେମାନେ ଗୋଟିଏ ବି ଦିନ ବିନା ଯୋଗ-ବ୍ୟାୟାମରେ ରହି ପାରନ୍ତି ନାହିଁ । ତେବେ ଆସନ୍ତୁ ଟିଭିର ସେହି ଫିଟ୍‌ନେସ୍ ପ୍ରେମୀ ଅଭିନେତ୍ରୀମାନଙ୍କ ବିଷୟରେ ଜାଣିବା, ଯେଉଁମାନେ ସୋସାଲ୍ ମିଡିଆ ଏବଂ ସେମାନଙ୍କ ଯୋଗ ପାଇଁ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚାର କାରଣ ହୋଇପାରିଛନ୍ତି । ଏହି ଅଭିନେତ୍ରୀମାନେ ଯୋଗ କରି ନିଜ ଶରୀରକୁ ଏତେ ଫ୍ଲେକ୍ସିବଲ୍ କରିଦେଇଛନ୍ତି ଯେ ସେମାନେ ଯେମିତି ଚାହୁଁଛନ୍ତି ନିଜ ଶରୀରକୁ ସେମିତି କରିଦେଇ ପାରୁଛନ୍ତି । ଏହି ତାଲିକାରେ ମନ୍ଦିରା ବେଦୀଙ୍କ ଠାରୁ ଆରମ୍ଭ କରି ଆଶ୍‌କା ଗୋରାଡିଆ, କବିତା କୌଶିକ, ଟିନା ଦତ୍ତାଙ୍କ ସମେତ ଅନେକ ଅଭିନେତ୍ରୀଙ୍କ ନା' ରହିଛି ।



❖ **ମନ୍ଦିରା ବେଦୀ:** ମଡେଲ୍-ଅଭିନେତ୍ରୀ ମନ୍ଦିରା ବେଦୀଙ୍କୁ ଏବେ ୫୦ ବର୍ଷ ହେଲାଣି । କିନ୍ତୁ ତାଙ୍କୁ ଦେଖିଲେ କେହି ବି କହିପାରିବେ ନାହିଁ ସେ ଏହି ବୟସରେ ପହଞ୍ଚିଛନ୍ତି ବୋଲି । ସେ ଏକଦମ୍ ସୁପର ଫିଟ୍ ଏବଂ ସୁସ୍ଥ । ସେ ତାଙ୍କ କାମ ଅପେକ୍ଷା ଫିଟ୍‌ନେସ୍‌କୁ ନେଇ ଅଧିକ ଚର୍ଚ୍ଚାରେ ରୁହନ୍ତି । ପ୍ରଶଂସକମାନଙ୍କୁ ବ୍ୟାୟାମ ଏବଂ ଯୋଗ ବିଷୟରେ ଅବଗତ କରାଇବା ପାଇଁ ସେ ଅନେକ ସମୟରେ ସୋସାଲ୍ ମିଡିଆରେ ନିଜର ଫଟୋ ଏବଂ ଭିଡିଓ ଶେୟାର କରନ୍ତି ।


❖ **ଆଶ୍‌କା ଗୋରାଡିଆ:** ଟିଭି ଅଭିନେତ୍ରୀ ଫିଟ୍‌ନେସ୍ ପ୍ରେମୀ ଆଶ୍‌କା ଗୋରାଡିଆ ଅନେକ ସମୟରେ ସୋସାଲ ମିଡିଆରେ ଯୋଗ କରୁଥିବା ଭିଡିଓ ଶେୟାର କରନ୍ତି । ଅଭିନେତ୍ରୀଙ୍କ ଯୋଗ ପ୍ରତି ଏତେ ନିଶା ଯେ ସେ ବର୍ତ୍ତମାନ ସବୁକିଛି ଛାଡି ପାରିବେ, କିନ୍ତୁ ଯୋଗ ନୁହେଁ । ସେ ବର୍ତ୍ତମାନ ଜଣେ ଯୋଗ ପ୍ରଶିକ୍ଷକ ଭାବେ ଯୋଗ ପ୍ରଶିକ୍ଷଣ ଦେଉଛନ୍ତି । ସେ ଗୋଆରେ ଯୋଗ ଶିକ୍ଷା ଦିଅନ୍ତି । ଗୋଆ ବେଳାଭୂମିରେ ଏହି ଅଭିନେତ୍ରୀଙ୍କୁ ଅନେକ ସମୟରେ ଯୋଗ କରୁଥିବାର ଦେଖିବାକୁ ମିଳେ ।



❖ **କବିତା କୌଶିକ:** ଏଫ୍‌ଆଇଆର୍ ସିରିଏଲ୍ ଫେମ୍ କବିତା କୌଶିକ ମଧ୍ୟ ଆଶ୍‌କା ଗୋରାଡିଆଙ୍କ ପରି ତାଙ୍କ ଫିଟ୍‌ନେସ୍ ଯୋଗୁଁ ସୋସାଲ ମିଡିଆରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ଗୋଆର ସମୁଦ୍ର ବେଳାଭୂମିରେ ତାଙ୍କର ଯୋଗ ଦକ୍ଷତା ସହିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦିଅନ୍ତି । ୪୧ ବର୍ଷୀୟ କବିତାଙ୍କ ଶରୀର ଏତେ ନମନୀୟ ହୋଇଛି ଯେ ସେ ଅତି ସହଜରେ କଠିନ ଯୋଗ କରିପାରୁଛନ୍ତି ।



❖ **ଟିନା ଦତ୍ତା:** ସୁପରହିଟ୍ ସୋ 'ଉତ୍ତରନ୍'ରେ ଇଛାଙ୍କ ଚରିତ୍ରରେ ଅଭିନୟ କରି ଘରେ ଘରେ ଏକ ପରିଚୟ ତିଆରି କରିଥିବା ଟିନା ଦତ୍ତା ମଧ୍ୟ ନିଜ ଫିଟନେସ୍ ପାଇଁ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । ଟିନା ବର୍ତ୍ତମାନ ବିଗ୍ ବସ୍ ୧୬ରେ ନଜର ଆସୁଛନ୍ତି । ତାଙ୍କର ଯୋଗ-ବ୍ୟାୟାମ ଭିଡିଓ ସୋସାଲ ମିଡିଆରେ ପ୍ରାୟତଃ ଭାଇରାଲ ହୁଏ । ଟିନା ଆଶ୍‌କା ଗୋରାଡିଆଙ୍କ ଠାରୁ ଯୋଗ ଶିଖୁଛନ୍ତି ।



❖ **ଶମା ସିକନ୍ଦର:** ଅଭିନେତ୍ରୀ ଶମା ସିକନ୍ଦର କିପରି ଫିଟ୍‌ନେସ୍‌ର ଯତ୍ନ ନିଆଯାଏ ତାହା ଭଲଭାବେ ଜାଣନ୍ତି । ନିଜକୁ ଫିଟ୍ ରଖିବା ପାଇଁ ସେ ଯୋଗ ଏବଂ ବ୍ୟାୟାମ କରିବାକୁ କେବେ ବି ଭୁଲନ୍ତି ନାହିଁ । ଶମାଙ୍କୁ ସୋସାଲ ମିଡିଆରେ ଅନେକ ସମୟରେ ଫିଟ୍‌ନେସ୍ ଟିପ୍ସ ଦେଉଥିବା ଦେଖିବାକୁ ମିଳିଥାଏ । ନିକଟରେ ଶମା ଯୋଗର କିଛି ଫଟୋ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ପ୍ରଶଂସା ସାଉଁଟିଥିଲେ ।

# ଆଣ୍ଠୁ ଗଣ୍ଠି ସମସ୍ୟା ଦୂର କରେ ମେଥି ଶାଗ

ଆଣ୍ଠୁଗଣ୍ଠିରେ ଅତ୍ୟଧିକ ଯନ୍ତ୍ରଣା କାରଣରୁ ଅନେକ ସମୟରେ ଲୋକେ ଚାଲିବା ବୁଲିବାରେ ବି ଅସମର୍ଥ ହୋଇପଡ଼ନ୍ତି । ତେବେ ଏହି ଯନ୍ତ୍ରଣା ବିଭିନ୍ନ କାରଣରୁ ହୋଇଥାଏ । ଯେମିତିକି ଆର୍ଥ୍ରାଇଟ୍ସ, ଏସୋପ୍ଟିକ୍ ନେକ୍ରୋସିସ୍, ଗଣ୍ଠି ସଂକ୍ରମଣ, ଟ୍ୟୁମର୍, ଆଷ୍ଟିଓକୋଣ୍ଡ୍ରାଇଟ୍ସ ଇତ୍ୟାଦି । ଅନେକ ସମୟରେ ଏହି ଯନ୍ତ୍ରଣାରୁ ରକ୍ଷାପାଇବାକୁ ଔଷଧ ସେବନ କରିବାକୁ ପଡ଼ିଥାଏ ଏଥିରେ ଉପଶମ ନ ହେଲେ ଅସ୍ତ୍ରୋପଚାର ଶେଷ ରାସ୍ତା ଥାଏ । ତେବେ ଜାଣି ଆଶ୍ଚର୍ଯ୍ୟ ହେବେ, ଏଭଳି ମାରାମକ୍ ଯନ୍ତ୍ରଣା ଉପଶମ ଔଷଧ ଉପାୟ ଘର ଭିତରେ ରହିଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ମେଥି ଶାଗ ଗଣ୍ଠି ଯନ୍ତ୍ରଣାରୁ ଲାଘବ ଦେବାରେ ବେଶ୍ ସହାୟକ ହୋଇଥାଏ । ମେଥି ଶାଗରେ ପ୍ରୋଟିନ୍, ଫାଇବର୍ ଏବଂ ଆଇରନ୍ ପ୍ରଚୁର ମାତ୍ରାରେ ମିଳିଥାଏ । ଏଥିରେ ଥିବା ଆଣ୍ଟି ଇନ୍‌ଫାମେଟରୀ ଗୁଣ ଶରୀରର ବିଭିନ୍ନ ଯନ୍ତ୍ରଣା ନିମିଷକେ ଦୂର ହୋଇଥାଏ । ମେଥି ଶାଗରେ ଆଣ୍ଟି ଅକ୍ସିଡାଣ୍ଟ୍ ଭରପୂର୍ ଥାଏ । ଏହାଛଡ଼ା ମେଥି ଦାନାରେ ପେଟ୍ରୋଲିୟମ୍ ଇଥର ଏକ୍ସଟ୍ରାକ୍ଟ ନାମକ ଯୌଗିକ ରହିଥାଏ, ଯେଉଁଥିରେ ମୁଖ୍ୟ ରୂପରେ ଲିନୋଲିକ୍ ଏସିଡ୍ ଏବଂ ଲିନୋଲେନିକ୍ ଏସିଡ୍ ସାମିଲ ଥାଏ । ଏହାର ସେବନ ଦ୍ୱାରା ଆଣ୍ଠୁଗଣ୍ଠି ଏବଂ ମେରୁଦଣ୍ଡରେ ହେଉଥିବା ଅସହନୀୟ ଯନ୍ତ୍ରଣାରୁ ଉପଶମ ମିଳିଥାଏ ।





# ହାଡ଼ ମଜଭୁତ କରେ କଞ୍ଚା ପନିର

ପନିର ଖାଇଲେ ଶରୀରରେ ଚର୍ବି ଅଂଶ ବୃଦ୍ଧି ପାଇଥାଏ ବୋଲି ଅଧିକାଂଶ ଲୋକଙ୍କ ମନରେ ଧାରଣା ଅଛି । ହେଲେ କଞ୍ଚା ପନିର ଶରୀର ପାଇଁ ଖୁବ୍ ଉପକାରୀ ବୋଲି ଗବେଷକମାନେ କହିଛନ୍ତି । ବିଶେଷ କରି ସକାଳ ଜଳଖିଆରେ ଖଣ୍ଡେ କଞ୍ଚା ପନିର ସାମିଲ କଲେ ଏଥିରୁ ଅନେକ ଲାଭ ମିଳିଥାଏ ।

- କଞ୍ଚା ପନିରରେ କ୍ୟାଲସିୟମ ଓ ପ୍ରୋଟିନ ବ୍ୟତୀତ ଲିନୋଲାଇକ ଏସିଡ୍ ଥାଏ । ଯାହା ଶରୀରର ଓଜନ କମ୍ କରିବାରେ ସହାୟକ ହୋଇଥାଏ ।
- କ୍ୟାଲସିୟମ ଓ ଫସ୍‌ଫରସ୍ ଥିବାରୁ କଞ୍ଚା ପନିର ହାଡ଼ ମଜଭୁତ କରିବାରେ ସାହାଯ୍ୟ କରିଥାଏ ।
- ଫାଇବରରେ ଭରପୁର କଞ୍ଚା ପନିର ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ ।
- ଏଥିରେ ଥିବା ଓମେଗା-୩ ଫ୍ୟାଟି ଏସିଡ୍ ଡାଇବେଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ । ତେଣୁ ସୁଷମ ଖାଦ୍ୟ ତାଲିକାରେ ଖଣ୍ଡେ କଞ୍ଚାପନିର ସାମିଲ କରିବାକୁ କୁହାଯାଏ ।

# ଅର୍ଶ ସମସ୍ୟା ଦୂରକରେ ପଖାଳ

ଭାତ ବଳିଗଲେ ବା ବାସି ହୋଇଗଲେ ଏହାକୁ ଅନେକ ଲୋକ ଫୋପାଡି ଦେଇଥାଆନ୍ତି । ହେଲେ ଏହା ଶରୀର ପାଇଁ ବେଶ୍ ଉପକାରୀ ବୋଲି ଗବେଷକମାନେ ମତ ଦେଇଛନ୍ତି । ବାସି ଭାତ ଖାଇବାର ପ୍ରଣାଳୀ ଜାଣି ରଖିଲେ ଏହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ତେଣୁ ବାସି ଭାତକୁ ପ୍ରଥମେ ଏକ ମାଟି ପାତ୍ରରେ ସାରା ରାତି ପାଣିରେ ଭିଜାଇ ରଖିବା ପରେ ସକାଳୁ ପିଆଜ ସହ ଏହାକୁ ଖାଇଲେ ଲାଭ ମିଳିଥାଏ ।

- ଅର୍ଶ ସମସ୍ୟା ଥିବା ବ୍ୟକ୍ତି ସପ୍ତାହକୁ ୩ ଥର ସକାଳ ଜଳଖିଆ ପରିବର୍ତ୍ତେ ବାସିଭାତ ଖାଇଲେ ଏହା ଠିକ୍ ହୋଇଥାଏ ।
- ଏଥିରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ଏହା କୋଷ୍ଠ କାଠିନ୍ୟ ପାଇଁ ଭଲ କାମ କରେ ।
- ଏହା ନିୟମିତ ଖାଇଲେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ ।
- ଯେଉଁମାନଙ୍କର ଚା' ଅବା କଫି ଅଭ୍ୟାସ ରହିଛି ଏଥିରୁ ଦୂରେଇ ରହିବାକୁ ଚାହୁଁଥିଲେ ନିୟମିତ ଭାବେ ସକାଳୁ ବାସି ଭାତ ଖାଇଲେ ଏହି ଅଭ୍ୟାସ ଛାଡି ଯାଇଥାଏ ।



# ମୁକ୍ତା ଯୋଜନାକୁ ମିଳିଲା ଅନ୍ତର୍ଜାତୀୟ ମାନ୍ୟତା

ଭୁବନେଶ୍ୱର: ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାକୁ ମିଳିଲା ଆନ୍ତର୍ଜାତୀୟ ମାନ୍ୟତା । ବିଶ୍ୱ ସମ୍ବଳ ସଂସ୍ଥା ବା ଡବ୍ଲୁଆରଆଇ ପକ୍ଷରୁ ମୁକ୍ତା ଯୋଜନାର ସଫଳ ରୁପାୟନ ନେଇ ପୁରସ୍କୃତ କରାଯାଇଛି । ନିୟୁର୍କ ସିଟିର ଫୋର୍ଡ ଫାଉଣ୍ଡେସନ୍ ସେଣ୍ଟର୍ ଫର୍ ସୋସିଆଲ୍ ଜଷ୍ଟିସରେ ଆୟୋଜିତ ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାତନନ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗୀତାରେ ୬୫ଟି ଦେଶର ୧୫୫ଟି ସହରରୁ ୨୬୦ଟି ଆବେଦନ ଆସିଥିଲା ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ୫ଟି ପଦକ୍ଷେପ ଅନ୍ତର୍ଗତ ଏହି ସହରୀ କର୍ମ ନିଯୁକ୍ତି ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ୨୦୨୧-୨୦୨୨ ବିଶ୍ୱ ସମ୍ବଳ ପ୍ରତିଷ୍ଠାନର ଅନ୍ୟତମ ବିଜେତା ଭାବରେ ମନୋନୀତ ହୋଇ (ଡବ୍ୟୁଆରଆଇ), ସହରଗୁଡିକ ପାଇଁ ରସ୍ କେନ୍ଦ୍ର ପୁରସ୍କାର ହାସଲ କରିଛି ।

ଫେବୃଆରୀ ୧ ତାରିଖରେ ନ୍ୟୁୟର୍କ ସହରର ଫୋର୍ଡ ଫାଉଣ୍ଡେସନ୍ ସେଣ୍ଟର୍ ଫର୍ ସୋସିଆଲ ଜଷ୍ଟିସରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେତା ଘୋଷିତ ହୋଇଥିଲା । ନ୍ୟୁୟର୍କରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥି ଭାଥନନ୍ ଏହି ଆନ୍ତର୍ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି । ବିଭାଗର ଯୁଗ୍ମ ସଚିବ ଶ୍ରୀ ସାରଦା ପ୍ରସାଦ ପଣ୍ଡା ପୁରସ୍କାର ଗ୍ରହଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏକ ଆନ୍ତର୍ଜାତୀୟ ଜୁରି ଦଳ ଏହି ପୁରସ୍କାର ପ୍ରତିଯୋଗିତାରେ ୬୫ ଟି ଦେଶର ୧୫୫ ଟି ସହରରୁ ଆସିଥିବା ୨୬୦ ଟି ଆବେଦନ ମଧ୍ୟରୁ ମୁକ୍ତାକୁ ବିଜେତା ଭାବରେ ଚୟନ କରିଛନ୍ତି ।

ସହରଗୁଡିକ ପାଇଁ ପୁରସ୍କାର ହେଉଛି 'ଡବ୍ଲ୍ୟୁଆରଆଇ' ର ସହରୀ ରୂପାନ୍ତରଣ ପୁରସ୍କାର, ଯାହାକି ବିଶ୍ୱବ୍ୟାପି ଅଧିକ ସ୍ଥାୟୀ ଏବଂ ଅନ୍ତର୍ଭୂକ୍ତ ସହର ସୃଷ୍ଟି କରୁଥିବା ଅଗ୍ରଣୀମାନଙ୍କୁ ସ୍ୱୀକୃତି ପ୍ରଦାନ କରେ । ଅନିଶ୍ଚିତତା, ବ୍ୟାଘାତ ଏବଂ ସଙ୍କଟର ମୁକାବିଲା ପାଇଁ ସହରାଞ୍ଚଳର ଗରିବ, ଅନୌପଚାରିକ ତଥା ପ୍ରବାସୀ ଶ୍ରମିକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରି ମୁକ୍ତା ଏହି ପୁରସ୍କାର ହାସଲ କରିଛି । କଠିନ ସମୟରେ ବଞ୍ଚିବା ଏବଂ ତିଷ୍ଠି ରହିବା ପାଇଁ ଏକ ପ୍ରଣାଳୀ ଭାବରେ ମୁକ୍ତାକୁ ସ୍ୱୀକୃତି ମିଳିଛି ।

ବର୍ତ୍ତମାନ ସୁଦ୍ଧା ଓଡିଶାର ୧୧୪ ଟି ସହରରେ ୭ ଲକ୍ଷ ସହରୀ ଗରିବ ଏବଂ ପ୍ରବାସୀ ଶ୍ରମିକ ୨୦୮ କୋଟି ଟଙ୍କା ମୂଲ୍ୟର ୨୨,୫୦୦ ଗୋଷ୍ଠି ସ୍ତରୀୟ ବିକାଶ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ଯେଉଁଥିରେ ପକ୍କା ସଡକ, ଡ୍ରେନ୍, ବର୍ଷା ଜଳ ଅମଳ, କମ୍ୟୁନିଟି ସେଣ୍ଟର, ବୃକ୍ଷରୋପଣ, ଜଳାଶୟ ପୁନରୁଦ୍ଧାର ଏବଂ ସର୍ବସାଧାରଣ ସ୍ଥାନ ଆଦିର ବିକାଶ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୫୩୬୮ ମିଶନ୍ ଶକ୍ତି ଗୋଷ୍ଠୀ ଏବଂ ୪୩୮ ବସ୍ତି ବାସିନ୍ଦା ସଙ୍ଗଠନ ମଧ୍ୟ ଓଡିଶା ସରକାରଙ୍କ ଏହି ଉଚ୍ଚାଭିଳାଷୀ ଯୋଜନା ଅଧୀନରେ କାର୍ଯ୍ୟକାରୀ ସହଭାଗୀ ଭାବରେ ନିୟୋଜିତ ହୋଇଛନ୍ତି ।

ଠିକାଦାରମାନଙ୍କୁ ନିୟୋଜିତ କରିବା ପରିବର୍ତ୍ତେ ମିଶନ ଶକ୍ତି ଗ୍ରୁପ୍ ଏବଂ ବସ୍ତି ବାସିନ୍ଦାଙ୍କୁ କାର୍ଯ୍ୟ ଦାୟିତ୍ୱ ଦେବା ପାଇଁ ଓଡ଼ିଶା ରାଜ୍ୟରଙ୍କ ପଦକ୍ଷେପ ସ୍ବରୂପ ମୁକ୍ତା ଯୋଜନାକୁ ପ୍ରଶଂସା କରାଯାଇଛି । ଏହି ଯୋଜନା ଏକ ସମାନ ଢଙ୍ଗରେ ଗୋଷ୍ଠି ସ୍ତରୀୟ ନାଗରିକ ସୁବିଧା ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଭାରତ ସରକାର ମଧ୍ୟ ଓଡିଶା ସରକାରଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି ଏବଂ ଓଡିଶାର ମୁକ୍ତା ମଡେଲକୁ ଅନ୍ୟ ରାଜ୍ୟମାନଙ୍କରେ କାର୍ଯ୍ୟକାରୀ ଲାଗି ସୁପାରିଶ କରିଛନ୍ତି । ଏଥିରୁ ଶିକ୍ଷାଲାଭ କରି ଝାଡଖଣ୍ଡ, ହିମାଚଳ ପ୍ରଦେଶ, ରାଜସ୍ଥାନ ଏବଂ ତାମିଲନାଡୁ ସହରାଞ୍ଚଳରେ ଥିବା ଗରିବ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ଓଡିଶାର ମୁକ୍ତା ଢାଞ୍ଚାରେ ସେମାନଙ୍କ ସହରରେ ମଜୁରୀ ନିଯୁକ୍ତି ଯୋଜନା ଘୋଷଣା କରିଛନ୍ତି ।

# ଜିଲ୍ଲା ଶିଶୁମଙ୍ଗଳ କମିଟିର କ୍ୟାମ୍ପ କୋର୍ଟ

ନବରଙ୍ଗପୁର: ନନ୍ଦାହାଣ୍ଡି ପଞ୍ଚାୟତ ସଭାଗୃହରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର କ୍ୟାମ୍ପ କୋର୍ଟ ଡାବୁଗାଁ ପଞ୍ଚାୟତ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାମ୍ପର ଆଭିମୁଖ୍ୟ କୋଭିଡ଼ -୧୯ ସମୟରେ ମାତା ପିତାଙ୍କୁ ହରାଇଥିବା ଶିଶୁ ମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟ । ଏହି ଶିଶୁ ମାନଙ୍କୁ ସ୍ପନସର୍‌ସିପ, ଯୋଉଁ ପିଲାମାନେ ୧୮ବର୍ଷରୁ ଉର୍ଦ୍ଧ ସେମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ସହ ସଂଯୋଗ କରିବା ଥିଲା ଏହାର ମୁଖ୍ୟ ମୁଖ୍ୟ ଲକ୍ଷ୍ୟ । ଏହି ଯୋଜନାରେ (ଆଶୀର୍ବାଦ ଯୋଜନା ) କେବଳ ପିତାଙ୍କୁ ହରାଇଥିବା ଶିଶୁ ୧୫୦୦ ଟଙ୍କା ଏବଂ ଉଭୟ ମାତାପିତାଙ୍କୁ ହରାଇଥିଲେ ୨୫୦୦ ଟଙ୍କା ସରକାରଙ୍କ ଆଶୀର୍ବାଦ ଯୋଜନାରେ ଆର୍ଥିକ ସାହାର୍ଯ୍ୟ ପାଇବେ । କ୍ୟାମ୍ପରେ ୧୮୦ ରୁ ଅଧିକ ସଂଖ୍ୟକ ଲୋକ ଯୋଗଦେଇଥିଲେ ଏଥିରୁ ୩୬ ଜଣ ପୂର୍ବରୁ ଆଶୀର୍ବାଦର ହିତାଧିକାରୀ ଅଟନ୍ତି ଏବଂ ୩୦ରୁ ଅଧିକ ନୂତନ ଆଶୀର୍ବାଦର ହିତାଧିକାରୀ ପାଇଁ ଆବେଦନ କରିଥିଲେ । ଏହି କ୍ୟାମ୍ପକୁ ଆନୁଷ୍ଠାନିକ ଭାବରେ ଆଇସିଡିଏସ୍‌ର ଶିଶୁ ବିକାଶ ଅଧିକାରୀ ଗୀତା ମହାରଣା ସମସ୍ତଙ୍କୁ ସ୍ୱାଗତ କରି କ୍ୟାମ୍ପକୁ ଆରମ୍ଭ କରିଥିଲେ ।





ଏହି କ୍ୟାମ୍ପରେ ବ୍ଲକ୍ ବିକାଶ ଅଧିକାରୀ ଶିବ ଶଙ୍କର ମୁର୍ମୁ , ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଦିବାକର ବହୁକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟନାୟକ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ମିନତୀ ମହାପାତ୍ର , ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରସନ୍ନ ପଟନାୟକ, ଆଇସିଡିଏସ୍‌ର ଶିଶୁ ବିକାଶ ଅଧିକାରୀ ଗୀତା ମହାରଣା, ଅରୁଣାର ଜିଲ୍ଲା ସଂଯୋଜିକା ପ୍ରଭାସିନୀ ପଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଏଲପିଓ କିଶୋର ଚନ୍ଦ୍ର ମାର୍ଥା, ପିଓଆଇସି କୁନିମଣି ସ୍ୱାଇଁ , ସାମାଜିକ କର୍ମୀ ସମରେନ୍ଦ୍ର ପରିଡା, ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମୀ ସନ୍ତୋଷ ଜେନା, ପଣ୍ଡିତ ଦିନ ଦୟାଲ ବାଳିକା ଆଶ୍ରମର ଜସ୍ମିତା ନାୟକ ଏବଂ ଉତ୍କଳ ବାଳାଶ୍ରମର ଅଧିକ୍ଷକ ରାମକୃଷ୍ଣ ସାବତ, ଶ୍ରୀପତି ତ୍ରିପାଠୀ ଆଦି ଯୋଗ ଦେଇ କ୍ୟାମ୍ପକୁ ସଫଳ କରିବା ନିମନ୍ତେ ସାହାର୍ଯ୍ୟ ସହଯୋଗ କରିଥିଲେ । ଏହି ଶିଶୁ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଇବାରେ ଏହି ବ୍ଲକର ଅଙ୍ଗନବାଡ଼ି କର୍ମୀ ମାନଙ୍କ ଭୂମିକା ଅତୁଳନୀୟ ଥିଲା ।

# ଲିଙ୍ଗନିରୂପଣ କଲେ ହେବ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ

ସୁବର୍ଣ୍ଣପୁର: ସୂଚନାଦାତା ହେବେ ପୁରସ୍କୃତ ପିସି ଏବଂ ପିଏନଡିଟି ଜିଲ୍ଲା ପରାମର୍ଶଦାତା କମିଟିର ସ୍ୱତନ୍ତ୍ର ବୈଠକ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରଓ୍ୱଣେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାରେ କ୍ରମଶଃ ହ୍ରାସ ପାଉ ଥିବା କନ୍ୟା ସନ୍ତାନ ସଂଖ୍ୟକୁ ନେଇ ଜିଲ୍ଲାପାଳ ଉଦ୍‌ବେଗ ପ୍ରକାଶ କରିବା ସହ ଏଥିନିମନ୍ତେ ସମସ୍ତେ ସଜାଗ ରହିବାକୁ ସୂଚାଇଥିଲେ । ଯଦି ଜିଲ୍ଲାର କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ ହେବାର ପ୍ରମାଣିତ ହୁଏତେ ବେ ଆଇନତଃ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରାଯିବ ବୋଲି ଜିଲ୍ଲାପାଳ ଏହି ଅବସରରେ ଉଲ୍ଲେଖ କରିଥିଲେ । ଏଥି ନିମନ୍ତେ ଦୋଷୀଙ୍କୁ ତିନି ବର୍ଷ ଯାଏଁ ଜେଲ ଦଣ୍ଡ ଏବଂ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଜରିବାନାରେ ଦଣ୍ଡିତ କରା ଯାଇପାରେ । ଜିଲ୍ଲାର ଯେ କୌଣସି ପିସିଏଣ୍ଡପିଏନ୍‌ଡିଟି ସମ୍ବନ୍ଧୀୟ ପ୍ରସଙ୍ଗ ପାଇଁ ଜନସାଧାରଣ ଚାଇଲ୍ଡ ଲାଇନ୍ ନମ୍ବର ୧୦୮ ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିପାରିବେ । ଅନୈତିକ ଭୃଣ ନିରୂପଣ ନିମନ୍ତେ ଯୋଗ୍ୟ ସୂଚନାଦାତାଙ୍କୁ ସରକାରଙ୍କ ତରଫରୁ ଅର୍ଥରାଶିର ପ୍ରୋତ୍ସାହନ ବ୍ୟବସ୍ଥା ରହିଛି ସୂଚନା ପ୍ରଦାନ ଦିଗରେ ସୂଚନାଦାତାଙ୍କୁ ୨୫ ହଜାର ପର୍ଯ୍ୟନ୍ତ ପ୍ରୋତ୍ସାହନ ଦିଆଯିବ । ସୂଚନାଦାତାଙ୍କୁ ତିନୋଟି କିସ୍ତିରେ ପ୍ରୋତ୍ସାହନ ରାଶି ପ୍ରଦାନ କରା ଯାଉଥିବା ବେଳେ, ପ୍ରଥମ କିସ୍ତି ୫ ହଜାର, ସଫଳ ସୂଚନା ପରେ ୨ୟ କିସ୍ତି ୧୦ ହଜାର ଓ ୩ ୟ କିସ୍ତି ରେ ଯାଞ୍ଚ ପରିଚାଳନାରେ ସହଯୋଗ ପାଇଁ ୧୦ ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା ରହିଛି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ , ଡ଼ିଏମଓ ଡାକ୍ତର ଦୁର୍ଗାଦତ୍ତ ଦାଶ , ଡାକ୍ତର ପ୍ରକାଶ ଚନ୍ଦ୍ର ଦଣ୍ଡ ସେନା, ଡାକ୍ତର ଦିଲ୍ଲୀପ ପୁରୋହିତ,ଡାକ୍ତର ଜିତାରାମ ବିଦ,ଡାକ୍ତର ନରେନ୍ଦ୍ର ମେହେର, ଆଇନଜୀବୀ ଅଟଳ ମହା ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସାମ୍ବାଦିକ ସ୍ୱାଧୀନ ମେହେର, ଡିସି ପିଓ ଚତୁର୍ଭୁଜ ଦାଶ, ଜିଲ୍ଲା ପରାମର୍ଶଦାତା ବାଲ୍ୟ ବିବାହ ନିରାକରଣ ରାକେଶ ପ୍ରଧାନ, ସହକାରୀ ଜିଲ୍ଲା ଜନସ୍ୱସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ଡିପିଏମ ବିଶ୍ୱମ୍ବର ବେହେରା, ଡିଏମଆରସିଏଚ ସୁଧାଂଶୁ ନାୟକ, ଏଏମଏଲଏ ଏବଂ ଆଇ ଏସ ଶୋଭାନା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିକ୍ଷା

**ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।**



## Correction of Errors

Wrong : My watch needs to be winded.
Right : My watch needs to be wound.
Wrong : Can you repeat it again?
Right : Can you repeat it?
Wrong : She explained me the nature of the job.
Right : She explained the nature of job to me.
Wrong : One needn't neglect one's duty.
Right : One mustn't neglect one's duty.
Wrong : The police has tightened the security arrangements.
Right : The police have tightened the security arrangements.
Wrong : The Lakshadweep is a union territory.
Right : Lakshadweep is a union territory.
Wrong : Biren is depending on agriculture.
Right : Biren depends on agriculture.
Wrong : They bade me to go there.
Right : They bade me go there.
Wrong : Time and tide wait for none.
Right : Time and tide waits for none.(Two nouns go together,denote singular sense)
Wrong : They are settled in overseas.
Right : They are settled overseas.

# ବିନିକା ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଘାଟିତ



ବିନିକା: ଆମ କଳାସଂସ୍କୃତି ମହାନ ଲୋକ ମହୋତ୍ସବ ପ୍ରତ୍ୟେକ ବର୍ଷ ଆୟୋଜନ ହେଉଛି । ଗ୍ରାମାଞ୍ଚଳରୁ ନେଇ ସହରାଞ୍ଚଳର କଳାକାରଙ୍କ ପ୍ରତିଭା ସାମ୍ନାକୁ ଆସୁଛି । ଆମେ ଆମ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ରାଜ୍ୟ ଓ ଜାତୀୟ ସ୍ତରକୁ ପହଞ୍ଚାଇବା ଆମର କର୍ତ୍ତବ୍ୟ ହେଉଛ କଳା ହେଉଛି ସମାଜର ଦର୍ପଣ । ଆମ କଳା ସଂସ୍କୃତି ଆଗକୁ ବଢ଼ାଇବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବା ଦରକାର ବୋଲି ବିନିକା ପାପକ୍ଷୟ ଲୋକଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୋଗଦେଇ କହିଛନ୍ତି ।●ବିନିକା ପାପକ୍ଷୟ ଲୋକ ମହୋଉତ୍ସବ ସମିତି ପକ୍ଷରୁ ସ୍ଥାନୀୟ ମହୋତ୍ସବ ପଡିଆରେ ଲୋକ ମହୋଉତ୍ସବ ଉଦ୍‌ଘାଟିତ ହୋଇଛି । ଲୋକ ମହୋତ୍ସବ ସଭାପତି ସୁଧାଂଶୁ ଶେଖର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସ୍ୱାଗତ ଭାଷଣ ଦେବାପରେ ସ୍ୱତନ୍ତ୍ର ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ବିନିକା ତହସିଲଦା ମୁକ୍ତେଶ୍ୱର ପାଣିଗ୍ରାହି, ବିନିକା ବିଡ଼ିଓ ଡ଼ଃ ବ୍ୟାସଦେବ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଐତିହ୍ୟ ଓ କଳା ସଂସ୍କୃତି ଆମକୁ ଭିନ୍ନ ଏକ ପରିଚୟ ଦେଇଛି ବୋଲି ସେ ମତ ରଖିଥିଲେ । ମହୋତ୍ସବର ପୂର୍ବତନ ସଭାପତି ଧର୍ମରାଜ ପଣ୍ଡାଙ୍କ ଦ୍ୱାରା ପାପକ୍ଷୟ ସମ୍ମାନରେ ଅରୁଣ କୁମାର ମେହେରଙ୍କୁ ସମ୍ମାନିତ କରିଥିଲେ ।

କାର୍ଯ୍ୟକ୍ରମରେ ସମ୍ପାଦକ ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲାବେଳେ ସଭା ଶେଷରେ ମହୋତ୍ସବ ସମ୍ପାଦକ ମାନସ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସାଂସ୍କୃତିକ ସଂନ୍ଧ୍ୟାରେ ସଂଗୀତ ରେଶ୍ମାରାଣୀ ଦାଶ, ପ୍ରଶନ୍ନାଜିତ ଓ ଦେବାନ୍ଦ ଦାଶ, ଆଜିର ବିଶେଷ ଆକର୍ଷଣ ଥିଲା ଲୋଇସିଂହା ଓ ବଲାଙ୍ଗିର ସଂଗୀତ ସାଧନା ଓ ବାରଗଡ଼ ର ଚେତନା କଳା ପରିଷଦ ଦର୍ଶକଙ୍କୁ ଆକୃଷ୍ଟ କରିରଖିଥିଲେ । ବିନିକା ପାପକ୍ଷୟ ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରାରେ ସହର ଦୁଲୁକିଉଠିଛି । ଦୁଲଦୁଲି, ଘଣ୍ଟାବାଦ୍ୟ, ଲୋକନୃତ୍ୟ, ଭାଙ୍ଗଡ଼ା, ଯୋଡ଼ି ଶଙ୍ଖ ଭଳି ଅନେକ ୨୦ଟି ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ଭାଗ ନେଇଥିଲେ । ସକାଳୁ ପ୍ରଥମେ ମହୋତ୍ସବର ସଭାପତି ସୁଧାଂଶୁ ଶେଖର ଦାଶଙ୍କ ଦ୍ୱାରା ଐତିହାସିକ ପାପ କ୍ଷୟ ଘାଟରେ ଥିବା ଶୈବପୀଠ ଓ ହନୁମାନ ମନ୍ଦିରରେ ପୂଜା ଅର୍ଚ୍ଚନା କରି ଏକ ବାଇକ ଶୋଭାଯାତ୍ରାରେ ବିନିକା ଇଷ୍ଟଦେବି ମା' ନାରାୟଣୀ ମନ୍ଦିରକୁ ମଶାଲ ଅଣାଯାଇଥିଲା । ପରେ ମାଁ ନାରାୟଣୀ ମନ୍ଦିରରୁ ମଶାଲକୁ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ମଞ୍ଚକୁ ମସାଲ ଅଣାଯାଇଥିଲା । ପରେ ମଞ୍ଚ ପୂଜନ କାର୍ଯ୍ୟ ହୋଇଥିଲା । ଏଥିରେ ବିନିକା ତହସିଲ ଦାର ମୁକ୍ତେଶ୍ୱର ପାରିଗ୍ରାହୀ, ବିଡ଼ିଓ ଡ଼ଃ ବ୍ୟାସଦେବ ହବହେରା, ବିନିକା ଆଇଆଇସି ପବିତ୍ର ସାହୁ ମହୋତ୍ସବର କମିଟି ସମସ୍ତ କର୍ମକର୍ତ୍ତା ବିନିକା ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ ।

# କାମ ନ କରି ଟଙ୍କା ହଡପ୍

## ଗୁଡ଼ାରୀ ଏନ୍‌ଏସି ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା

ଗୁଡାରି/ରାୟଗଡା: ରାଜ୍ୟର ପ୍ରଗତି ନିମନ୍ତେ ଯେପରି ବାଟ ଓଗାଳି ବସିଛି ଦୁର୍ନୀତି ନାମକ ଏକ ବଡ଼ ରାକ୍ଷସ । ଏହାର ପ୍ରଭାବରେ ଯେପରି ବିକାଶ ନାମରେ ଯାହା ଘଟୁଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । କାରଣ ତଳରୁ ଉପର ପର୍ଯ୍ୟନ୍ତ ପିସି ନାମକ ହାତ ଗୁଞ୍ଜା ରୀତି ଏକ ଆଇନରେ ପରିଣତ ହୋଇଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ ଜିଲ୍ଲା ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ସଦର ମହକୁମାରେ । ହସ୍ତଗତ ଖବର ଅନୁସାରେ ଲୋକଙ୍କ ସୁବିଧା ପାଇଁ ଷ୍ଟାଡିୟମ୍‌କୁ ସଂଯୋଗ କରିବା ପାଇଁ ଏକ କଂକ୍ରିଟ୍ ରାସ୍ତା ପାଇଁ ଦାବି ଉଠିଥିଲା । ଏହା ମଞ୍ଜୁର ହେଇ ଅଟକଳ କରି ପ୍ରାୟ ୧୧ ଲକ୍ଷ ୭୨ ହଜାର ୩୦୦ ଟଙ୍କାର କାର୍ଯ୍ୟାଦେଶ ପାଇଁ ଟେଣ୍ଡର କରାଯାଇଥିଲା । ଏହା ନିର୍ଦ୍ଧାରିତ ସମୟରେ କାମ ଆରମ୍ଭ ହୋଇଥିଲା ସମସ୍ତେ ଭାବିଥିଲେ ଏହି କାମ ଶେଷ ହେଇଯିବ ବୋଲି । କିନ୍ତୁ ତାହା ଆଧାପନ୍ତରିୟା ଭାବେ



ରଖି ପ୍ରାୟ ୯ ଲକ୍ଷ ଟଙ୍କା ତରବରିଆ ଭାବେ ଉଠାଇ ନେଇ ସମ୍ପୃକ୍ତ ଯନ୍ତ୍ରୀ ଏବେ ବଦଳି ହେଇ ଅନ୍ୟ ଜାଗାରେ । ଠିକାଦାର ତା ଟଙ୍କା ପାଇ ବେଶ ଖୁସରେ ଆଉ ରାଜକୋଷରୁ ଯେଉଁ ଉଦେଶ୍ୟ ପାଇଁ ଟଙ୍କା ଖର୍ଚ୍ଚ ହେଇଥିଲା ତାହା କାମରେ ଆସୁନଥିବା ଜନ ସାଧାରଣ ଅଭିଯୋଗ କରିଛନ୍ତି । ଏପରିକି କାମ ମଧ୍ୟ ଅତି ନିମ୍ନମାନର ବୋଲି ଅଭିଯୋଗ କରିଛନ୍ତି କେତେକ ଲୋକେ । ଠିକାଦାର ଯନ୍ତ୍ରୀଙ୍କୁ ଅଧିକା ହାତ ଗୁଞ୍ଜାଦେଇ ସବୁ ଟଙ୍କା ହଡପ କରିଥିବା ଜଣାପଡିଛି । ଏନେଇ ଠିକାଦାରଙ୍କୁ ପଚାରିଲେ କାମ ହେଇଯିବ, ଯନ୍ତ୍ରୀ ନାହାନ୍ତି ନୂଆ ଆଉ ଜଣେ ଆସିଲେ କାମ ସଂପୂର୍ଣ୍ଣ ହେବ ବୋଲି କହି ଘଟଣାକୁ ଏଡାଇ ଯାଉଛନ୍ତି । ତେଣୁ ଲୋକମାନଙ୍କ ଦାବୀ ଏହିକିଯେ ଏହି କାମ ସଂପୂର୍ଣ୍ଣ ନ ହେଉଣୁ କିଭଳି ସବୁ ଟଙ୍କା ବିଲ ଉଠିଲା ଏହାର ରହସ୍ୟ କଣ ତଦନ୍ତ କରି ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଜିଦରେ ଅଡ଼ି ବସିଛନ୍ତି । ନଚେତ ଆଗାମୀ ଦିନରେ ତୀବ୍ର ଜନଅସନ୍ତୋଷକୁ ଏଡାଇ ଦିଆଯାଇନପାରେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବଜେଟ୍ ୨୩...

ସର୍ବାଧିକ ବୃଦ୍ଧି କରାଯାଇଛି । ବଜେଟ୍‌ରେ କୃଷି, ମଧ୍ୟବିତ୍ତ ଶ୍ରେଣୀ, ମହିଳା, ସବୁଜ ଶକ୍ତି, ଡିଜିଟାଲ ଭାରତକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଏହି ଲକ୍ଷ୍ୟ ପୂରଣ ପାଇଁ ଉଦ୍ଦିଷ୍ଟ ଅର୍ଥନୈତିକ କାର୍ଯ୍ୟସୂଚୀ ୩ଟି ଅଗ୍ରାଧିକାର କ୍ଷେତ୍ର ଉପରେ କେନ୍ଦ୍ରିତ କରାଯାଇଛି । ସେଗୁଡ଼ିକ ହେଲା ଯୁବବର୍ଗ ସମେତ ନାଗରିକଙ୍କ ଆଶାଆକାଂକ୍ଷା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ, ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ନିଯୁକ୍ତି ସୃଷ୍ଟି କରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ ଏବଂ ସ୍ଥୂଳ ଅର୍ଥନୈତିକ ସ୍ଥିରତାକୁ ସୁଦୃଢ଼ କରିବା । ଏହି ଅବସରରେ ଅର୍ଥମନ୍ତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ସେହିପରି ପିଏମ୍ ବିଶ୍ୱକର୍ମା କୌଶଳ ସମ୍ମାନ ଯୋଜନା ବିଷୟରେ ଘୋଷଣା କରି ଅର୍ଥମନ୍ତ୍ରୀ କହିଛନ୍ତି, ଦେଶର ପାରମ୍ପରିକ କାରିଗରମାନଙ୍କ ପାଇଁ ଏହା ଉଦ୍ଦିଷ୍ଟଛ ବ୍ୟକ୍ତିଗତ ଆୟକର ରିହାତି ସୀମା ୫ ଲକ୍ଷରୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେଭିଂ ସ୍କିମ୍‌ରେ ବରିଷ୍ଠ ନାଗରିକଙ୍କ ପାଇଁ ଜମା ସୀମା ୩୦ ଲକ୍ଷ ଟଙ୍କାକୁ (ଦୁଇ ଗୁଣା) ବୃଦ୍ଧି କରାଯାଇଛି । ମହିଳାମାନଙ୍କ ପାଇଁ ନୂଆ ସେଭିଂ ସ୍କିମ୍ ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୬ ପ୍ରତିଶତ ବୃଦ୍ଧି କରାଯାଇଛି ।

'ସପ୍ତରଷି' ନାମରେ ୭ଟି ବିନ୍ଦୁ– ସମାବେଶୀ ବିକାଶ, ଶେଷ ଲକ୍ଷ୍ୟସ୍ଥଳରେ ପହଞ୍ଚିବା, ଭିତ୍ତିଭୂମି ଓ ପୁଞ୍ଜିନିବେଶ, ସାମର୍ଥ୍ୟର ଉପଯୋଗ, ସବୁଜ ଅଭିବୃଦ୍ଧି , ଯୁବଶକ୍ତି ଓ ଆର୍ଥିକ କ୍ଷେତ୍ର ଉପରେ ବଜେଟ୍‌କୁ କେନ୍ଦ୍ରିତ କରାଯାଇଛି । ଏହାର ପ୍ରୟୋଗରେ ଚଳିତ ଆର୍ଥିକ ବର୍ଷର ଅଭିବୃଦ୍ଧି ୭ ପ୍ରତିଶତ ରହିବ ବୋଲି ଆକଳନ କରିଛନ୍ତି । ବଜେଟରେ ଋଣକୁ ବାଦେଇ ମୋଟ ପ୍ରାପ୍ତି ୨୭.୨ ଲକ୍ଷ କୋଟି ଓ ସମୁଦାୟ ବ୍ୟୟ ୪୫ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି । ତେବେ ନେଟ୍ ଟିକସ ପ୍ରାପ୍ତି ୨୩.୩ ଲକ୍ଷ କୋଟି ଟଙ୍କା ରହିବା ଅନୁମାନ କରାଯାଇଥିବା ଅର୍ଥମନ୍ତ୍ରୀ ପ୍ରକାଶ କରିଛନ୍ତି । ଗ୍ରାମାଞ୍ଚଳର ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ପାଇଁ କୃଷିକ୍ଷେତ୍ରକୁ ଜୋର୍ ଦିଆଯାଇଛି । ଆଗାମୀ ୫ ବର୍ଷରେ ସରକାର ଗାଁ ଗୁଡ଼ିକରେ ବହୁସଂଖ୍ୟକ ବହୁମୁଖୀ ସମବାୟ ସମିତି, ପ୍ରାଥମିକ ମତ୍ସ୍ୟ ସମିତି ଓ ଡାଏରି କୋ-ଅପରେଟିଭ୍ ସୋସାଇଟି ପ୍ରତିଷ୍ଠା କରିବେ । 'ସହକାର ଜରିଆରେ ସମୃଦ୍ଧି' ପରିଯୋଜନାକୁ ସାକାର କରିବାରେ ଏହା ସହାୟକ ହେବ । ସମବାୟ ମନ୍ତ୍ରଣାଳୟ ପକ୍ଷରୁ ୨,୫୧୬ କୋଟି ଟଙ୍କା ବ୍ୟୟରେ ୬୩,୦୦୦ ପ୍ରାଇମେରି ଏଗ୍ରିକଲ୍ଚର କ୍ରେଡିଟ୍ ସୋସାଇଟି (ପିଏସିଏସ୍)ର କମ୍ପ୍ୟୁଟରୀକରଣ କରାଯାଇଛି । ଆଗାମୀ ୩ ବର୍ଷ ମଧ୍ୟରେ ୧ କୋଟି ଚାଷୀଙ୍କୁ ଜୈବିକ କୃଷି ଆପଣାଇବା ପାଇଁ ପ୍ରୋତ୍ସାହନ ଦିଆଯିବ । ୨୦୨୪ ପାଇଁ କୃଷି ଋଣ ଟାର୍ଗେଟକୁ ୨୦ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ପ୍ରତିରକ୍ଷା ବାବଦ ବ୍ୟୟବରାଦ ୫.୯୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ପୂର୍ବବର୍ଷ ତୁଳନାରେ ୧୩% ଅଧିକ । ଅନୁରୂପ ଭାବେ ରେଲୱେ ପାଇଁ ସର୍ବାଧିକ ୨.୪୦ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଦେଶରେ ଆଉ ୫୦ଟି ବିମାନବନ୍ଦର, ହେଲିପୋର୍ଟ, ୱାଟର ଏରୋଡ୍ରମ୍ ଏବଂ ଅଗ୍ରିମ ଲ୍ୟାଣ୍ଡିଂ ଗ୍ରାଉଣ୍ଡକୁ ପୁନଃବିକଶିତ କରାଯିବ । ୨୦୧୪ ପରଠାରୁ ନିର୍ମାଣ ହୋଇଥିବା ୧୫୭ ମେଡିକାଲ କଲେଜ ପାଖରେ ୧୫୭ଟି ନର୍ସିଂ କଲେଜ ପ୍ରତିଷ୍ଠା କରାଯିବ । ଦେଶରେ ଥିବା ୭୪୦ ଏକଲବ୍ୟ ଆବାସିକ ବିଦ୍ୟାଳୟରେ ୩.୫ ଲକ୍ଷରୁ ଅଧିକ ଜନଜାତି ଛାତ୍ରୀଛାତ୍ର ପଢୁଛନ୍ତି । ଆଗାମୀ ୩ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏସବୁ ସ୍କୁଲରେ ୩୮,୯୦୦ ଶିକ୍ଷକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦେବେ ବୋଲି ବଜେଟରେ ଉଲ୍ଲେଖ କରାଯାଇଛି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟୟ ଅଟକଳ ପରମାଣକୁ ୬୬% ବୃଦ୍ଧି କରାଯାଇ ୭୯ ହଜାର କୋଟି ଟଙ୍କା କରାଯାଇଛି । ଦେଶରେ ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜି ବ୍ୟୟକୁ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହାକି ଜିଡିପିର ୩.୩ ପ୍ରତିଶତ । ଏହା ପୂର୍ବ ବର୍ଷ ତୁଳନାରେ ୩୩ ପ୍ରତିଶତ ଅଧିକ । ପିଲା ଓ କିଶୋରମାନଙ୍କ ଲାଗି ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି ସ୍ଥାପନ ହେବ । ରାଜ୍ୟଗୁଡ଼ିକୁ ପଞ୍ଚାୟତ ଏବଂ ୱାର୍ଡସ୍ତରରେ ଲାଇବ୍ରେରି ଖୋଲିବା ପାଇଁ ପ୍ରୋତ୍ସାହିତ କରାଯିବ । ଭାରତକୁ 'ଶ୍ରୀ ଅନ୍ନ'ର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା ଲାଗି ହାଇଦ୍ରାବାଦସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟ ରସର୍ଚ୍ଚକୁ ଉତ୍କର୍ଷ କେନ୍ଦ୍ର ଭାବେ ବିକଶିତ କରାଯିବ । ଭାରତରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୟୋଗ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜରିଆରେ କାର୍ଯ୍ୟ କରିବା ସକାଶେ ଦେଶର ଶୀର୍ଷ ଅନୁଷ୍ଠାନରେ ୩ଟି ଉତ୍କୃଷ୍ଟ କେନ୍ଦ୍ର ପ୍ରତିଷ୍ଠା କରାଯିବ । ବ୍ୟକ୍ତିମାନଙ୍କୁ ଚିହ୍ନଟ ଓ ଠିକଣା ମିଳାଇବା ଲାଗି ୱାନ୍ ଷ୍ଟପ୍ ସମାଧାନ ବ୍ୟବସ୍ଥା କରାଯିବ, ଯେଉଁଥିରେ ଡିଜି ଲକର ସେବା ଓ ଆଧାରକୁ ଅସଲି ପରିଚୟ ରୂପେ ପ୍ରୟୋଗ କରାଯିବ । ନିର୍ଦ୍ଦିଷ୍ଟ ସରକାରୀ ଏଜେନ୍ସିର ସମସ୍ତ ଡିଜିଟାଲ ବ୍ୟବସ୍ଥା ଲାଗି ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସାଧାରଣ ପରିଚୟପତ୍ର ରୂପେ ପ୍ରୟୋଗ କରାଯିବ । ଏହାଦ୍ୱାରା ବ୍ୟବସାୟ ସହଜ ହେବଛ ଅନ୍ୟପକ୍ଷରେ ବଜେଟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ଅଣଦେଖା କରାଯାଇଛି । ଗତ ଆର୍ଥିକ ବର୍ଷ ତୁଳନାରେ ଏଥିରେ ୩୨% କମ୍ ବ୍ୟୟବରାଦ ହୋଇଛି । ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଏକକ ନୂଆ ଲଘୁ ସଞ୍ଚୟ ଯୋଜନା, ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର ଆରମ୍ଭ କରାଯିବ । ମହିଳା କିମ୍ବା କିଶୋରୀଙ୍କ ନାମରେ ଆଂଶିକ ଉଠାଣ ବିକଳ୍ପ ସହିତ ୨ବର୍ଷର ଅବଧି ଲାଗି ୭.୫% ନିୟମିତ ସୁଧ ଦରରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ସୁବିଧା ପାଇଁ ବଜେଟରେ ପ୍ରସ୍ତାବ ରହିଥିବା ଅର୍ଥମନ୍ତ୍ରୀ କହିଛନ୍ତି । ରାଜ୍ୟଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ୫୦ ବର୍ଷୀୟ ଋଣକୁ ୨୦୨୩-୨୪ ମଧ୍ୟରେ ପୁଞ୍ଜିଗତ ବ୍ୟୟ ଉପରେ ଖର୍ଚ୍ଚ କରାଯିବ । ଏଥିରୁ ଅଧିକାଂଶ ଋଣ ବ୍ୟୟ ରାଜ୍ୟଗୁଡ଼ିକ ଉପରେ ନିର୍ଭର କରିବ । କିନ୍ତୁ ଏହି ଋଣର ଗୋଟିଏ ଭାଗ ସେମାନଙ୍କ ଦ୍ୱାରା ବାସ୍ତବ ପୁଞ୍ଜି ବ୍ୟୟକୁ ବଢ଼ାଇବା ସର୍ତ୍ତରେ ଦିଆଯିବ । ରାଜ୍ୟଗୁଡ଼ିକୁ ଜିଏସ୍ଡିପିର ୩.୫%ର ରାଜକୋଷୀୟ ନିଅଣ୍ଟ ପାଇଁ ଅନୁମତି ମିଳିବ, ଯାହାର ୦.୫% ବିଦ୍ୟୁତ୍ କ୍ଷେତ୍ରରେ ସୁଧାର ସହିତ ଯୋଡ଼ାଯିବ । ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟୟ ଆବଶ୍ୟକତା ପୂରଣ କରିବା ନିମନ୍ତେ କେନ୍ଦ୍ର ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ୧୫.୪ ଲକ୍ଷ କୋଟି ଟଙ୍କା ଋଣ କରିବାକୁ ଯୋଜନା କରିଛନ୍ତି ।


### ଖୋଲୁନି ନବ...

ହୋଟେଲ୍ ବିଜନେସ୍, ମାଇନିଂ ଟ୍ରାନସ୍ପୋର୍ଟିଂ ସହ ଏକାଧିକ ବ୍ୟବସାୟରେ ବେଶ୍ ଆଗରେ ଥିଲେ ନବ । ୨୦୧୯ ନିର୍ବାଚନ ସମୟରେ ନବ ଦାଖଲ କରିଥିବା ସତ୍ୟପାଠ ଅନୁସାରେ ବେଦାନ୍ତ କମ୍ପାନିରୁ ପାଉଁଶ ନିଷ୍କାସନ ଓ ପରିବହନ, ହିଣ୍ଡୋଲକୋ, ଆଦିତ୍ୟ ବିର୍ଲା କଂପାନୀରୁ କୋଇଲା ପରିବହନ ନବଙ୍କ ପରିବାର ସଦସ୍ୟଙ୍କ ନାଁରେ ଚାଲିଥିଲା । ଏହାବାଦ୍ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ସମେତ ଅନ୍ୟ କିଛି ସ୍ଥାନରେ ନବଙ୍କର ବିଭିନ୍ନ ବ୍ୟବସାୟ ରହିଥିଲା । ଖାସ୍ କରି ଖଣି ବହୁଳ ଜିଲ୍ଲାରେ ନବଙ୍କର ନାନା ପ୍ରକାର ବ୍ୟବସାୟ ଚାଲିଥିଲା । ତେବେ କୋଟି କୋଟି ଟଙ୍କାର କୋଇଲା ଟ୍ରାନ୍ସପୋର୍ଟିଂ ପ୍ରାୟତଃ ନବ ଓ ତାଙ୍କ ସମର୍ଥକ କରୁଥିଲେ । ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତି ଏହି ବ୍ୟବସାୟରେ ପଶିବାକୁ ଚେଷ୍ଟା କରୁଥିଲେ ବି ସେମାନଙ୍କ ପାଇଁ ବଡ଼ ପ୍ରତିବନ୍ଧକ ଥିଲେ ନବ ଦାସ । ତେଣୁ ପ୍ରଶ୍ନ ଉଠୁଛି କୋଇଲା ଟ୍ରାନ୍ସପୋର୍ଟିଂ କାରବାର ନବଙ୍କ ପାଇଁ କାଳ ହେଲା କି? କୌଣସି ପ୍ରଭାବଶାଳୀ ବ୍ୟକ୍ତି ଗୋପାଳ ଦାସଙ୍କୁ ବ୍ୟବହାର କରି ନବଙ୍କୁ ରାସ୍ତାରୁ ହଟାଇ ନାହାନ୍ତି ତ? କେବଳ ବ୍ୟବସାୟ ନୁହେଁ ରାଜନୀତିରେ ବି ବେଶ୍ ସଫଳତା ପାଇଥିଲେ ନବ । ୨୦୦୯ରୁ ୨୦୧୯ ତିନି ତିନି ଥର ବିଧାୟକ ହୋଇଥିଲେ । କଂଗ୍ରେସରୁ ଦୁଇ ଥର ଆଉ ବିଜେଡିରୁ ୨୦୧୯ରେ ବିଧାୟକ ନିର୍ବାଚିତ ହେବା ପରେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ । ମନ୍ତ୍ରୀ ହେବା ପରେ ନବଙ୍କ ଶକ୍ତି ଆହୁରି ବଢ଼ିବା ସହିତ ନିଜ ବ୍ୟବସାୟକୁ ବେଶ୍ ଆଗକୁ ନେଇଥିଲେ । ପଶ୍ଚିମ ଓଡ଼ିଶାରେ ବଢୁଥିବା ପ୍ରଭାବ ଯୋଗୁଁ ଅସୂୟା ଭାବ ରଖି ନବଙ୍କୁ ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ର ହୋଇଥାଇ ପାରେ ବୋଲି ଚର୍ଚ୍ଚା ହେଉଛି ।

ଅନ୍ୟପକ୍ଷରେ ତଦନ୍ତ ଯେତିକି ବଢୁଛି, ସେତିକି ବଢ଼ିଚାଲିଛି ରହସ୍ୟ । ଏତେ ବଡ଼ ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ଗୋପାଳଙ୍କୁ ଆଉ କିଏ ସହଯୋଗ କରିଥିଲା ? ତାକୁ ନେଇ ଖୋଳତାଡ଼ ଭିତରେ ସାମ୍ନାକୁ ଆସିଛି ଗୋପାଳଙ୍କ ବଡ଼ଭାଇଙ୍କ ଚେହେରା । ଯିଏ ବ୍ରଜରାଜନଗରରେ ଚଳାଇଥିଲେ ହୋଟେଲ୍ ବ୍ୟବସାୟ । ଗତ ପ୍ରାୟ ମାସେ ତଳେ ଜଣେ ବ୍ୟକ୍ତିଙ୍କଠୁ ଦୋକାନ ଘରକୁ ଭଡ଼ାରେ ନେଇ ହୋଟେଲ୍ ଚଳାଇଥିଲେ ଗୋପାଳଙ୍କ ବଡ଼ଭାଇ । ବ୍ରହ୍ମପୁର ଜଳେଶ୍ୱରପୁର ଘରୁ ଗୋପାଳଙ୍କ ସେହି ବଡ଼ଭାଇଙ୍କୁ ଉଠାଇନେଇଛି କ୍ରାଇମବ୍ରାଞ୍ଚ । ଅନ୍ୟପକ୍ଷରେ ଗୁରୁବାର ପୋଲିସ୍ ହାତରେ ବଡ଼ ସୁରାକ ଲାଗିଥିବା କୁହାଯାଉଛି । ମନ୍ତ୍ରୀ ନବ ଦାସଙ୍କ ହତ୍ୟାର ୫ ଦିନ ପରେ ଅଭିଯୁକ୍ତ ଗୋପାଳ ଦାସର ହାତଲେଖା ପାଇଛନ୍ତି ତଦନ୍ତକାରୀ ଅଧିକାରୀ । ସ୍ୱରେଜ୍ ଟାଙ୍କିରୁ ୧୨ ଖଣ୍ଡ ହାତଲେଖା ମିଳିଥିବା ସୂଚନା ମିଳିଛି । ରାତି ଅଧିଆ ଅପରେସନ୍ ପରେ ଲାଟ୍ରିନ୍ ଫ୍ଲସ୍ କରିଦେଇଥିବା କାଗଜ ବାହାର କରିଛି ପୋଲିସ । ହାତ ଲେଖା କାଗଜକୁ ଗୋପାଳ ଚିରି ଝାରସୁଗୁଡା ଏୟାରପୋର୍ଟ ଥାନା ଲାଟ୍ରିନରେ ଫ୍ଲସ କରିଥିବାରୁ ତାକୁ କ୍ରାଇମବ୍ରାଞ୍ଚ ଖୋଜୁଥିବା ସୂଚନା ମିଳିଛି । ତେବେ ଏସବୁ ପରେ ବି କୌଣସି ଠୋସ୍ ପ୍ରମାଣ ଯୋଗାଡ଼ କରିପାରି ନାହିଁ ତଦନ୍ତକାରୀ ସଂସ୍ଥା । ଏସିବୁ ଭିତରେ ଏବେ ସମସ୍ତଙ୍କ ନଜର ହତ୍ୟା ଗୁମର କେବେ ଖୋଲିବ? ଆଉ ଜଣାପଡ଼ିବ ପ୍ରଛଦପଟରେ ରହି ନବ ଦାସ ହତ୍ୟାକାଣ୍ଡ ପାଇଁ କେଉଁ ପ୍ରଭାବଶାଳୀ ଗୋଟି ଚଳାଇଥିଲେ । ନା ତଦନ୍ତର କୁହେଳିକା, ଆଇମା କାହାଣୀ ଭିତରେ ହଜିଯିବ ଜଘନ୍ୟ ଷଡ଼ଯନ୍ତ୍ର ।

# ମହେଶ୍ୱରଙ୍କଠୁ ନେଇ ନବଙ୍କ ଯାଏଁ

# କିଏ ବର୍ତ୍ତିଗଲା କିଏ ଚାଲିଗଲା



ରାଜ୍ୟଠୁ ନେଇ ସମଗ୍ର ଦେଶ ସ୍ତବ୍ଧ । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିମାଡ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଛି । ଯେଉଁଠି ଜଣେ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି ସେଠି ସାଧାରଣ ଲୋକଙ୍କ ସୁରକ୍ଷା ତ ବହୁ ଦୂରରେ । ଦିନ ଦ୍ୱିପ୍ରହରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋରଙ୍କୁ ଯେଉଁଭଳି ଜଣେ ପୋଲିସ୍ କର୍ମୀ ଗୁଳି କରିଛନ୍ତି ତାହା ରାଜ୍ୟର ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛି । ରକ୍ଷକ ହୋଇ ଭକ୍ଷକ ସାଜିଛନ୍ତି ପୋଲିସକର୍ମୀ । ଖାକିରେ ଦାଗ ଲଗାଇଛନ୍ତି । ଏହି ଘଟଣାକୁ କେହି ଗ୍ରହଣ କରି ପାରୁନାହାନ୍ତି । ଖାଲି ନବ କିଶୋର ନୁହେଁ ରାଜ୍ୟରେ ପୂର୍ବରୁ ମଧ୍ୟ ବହୁ ନେତାମନ୍ତ୍ରୀଙ୍କୁ ଆକ୍ରମଣ ହୋଇଥିଲା । ଭାଗ୍ୟ ବଳରୁ ସେମାନଙ୍କ ମଧ୍ୟରୁ କେତେକ ବଞ୍ଚିଯାଇଥିବା ବେଳେ ଦୁଃଭାଗ୍ୟ ବଶତଃ ଆଉ କେତେକ ଦୁନିଆ ଛାଡି ଚାଲି ଯାଇଛନ୍ତି । ନବ ଦାସଙ୍କ ସମେତ ରାଜ୍ୟରେ ପୂର୍ବରୁ ଆଉ ୬ ଜଣ ନେତାଙ୍କୁ ଗୁଳିମାଡ ହୋଇଥିଲା । ନବ କିଶୋର ଦାସଙ୍କୁ ଗୁଳିମାଡ ଘଟଣା ଆଜି ସେହି ପୁରୁଣା ଘଟଣାକୁ ମନେ ପକାଇ ଦେଇଛି । ଜାଣନ୍ତୁ ପୂର୍ବରୁ ଘଟିଥିବା କିଛି ଗୁଳିମାଡ ଘଟଣା ବିଷୟରେ ।

**ମହେଶ୍ୱର ମହାନ୍ତି :** ଆଇନ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଥିବା ବେଳେ ପୁରୀ ବିଧାୟକ ମହେଶ୍ୱର ମହାନ୍ତିଙ୍କ ଉପରକୁ ହୋଇଥିଲା ଗୁଳିମାଡ଼ । ପ୍ରଥମ ଥର ପାଇଁ ଓଡିଶା ରାଜନୀତିରେ କୌଣସି ମନ୍ତ୍ରୀଙ୍କ ଉପରକୁ ହୋଇଥିଲା ଗୁଳିମାଡ଼ । ୨୦୧୪ ମସିହା ଫେବୃଆରୀ ୨୨ ତାରିଖରେ ତାଙ୍କ ଘରଠାରୁ କିଛି ବାଟ ଦୂରରେ ତାଙ୍କ ଉପରକ ଗୁଳିମାଡ କରିଥିଲେ ଦୁର୍ବୃତ୍ତ । ଏକ ବିବାହ କାର୍ଯ୍ୟକ୍ରମ ସାରି ଫେରୁଥିବାବେଳେ କିଛି ଦୁର୍ବୃତ୍ତ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ କରିଥିଲେ । ୩ ରାଉଣ୍ଡ ଗୁଳିରୁ ଗୋଟିଏ ଗୁଳି ତାଙ୍କ ପେଟ ଓ ଅନ୍ୟଟି ଛାତିରେ ବାଜିଥିଲା । ଚିକିତ୍ସା ପରେ ମହେଶ୍ୱର ମହାନ୍ତି ସୁସ୍ଥ ହୋଇଥିଲେ । ପ୍ରତିଶୋଧ ନେବାକୁ ଗୁନ ସିଂହାରୀ ମାରିଥିଲେ ଗୁଳି । ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା । ଏହା ରାଜନୈତିକ ଶତ୍ରୁତା ପାଇଁ ହୋଇଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଥିଲା ।

**ସୁଦାମ ମାରାଣ୍ଡି :** ବର୍ତ୍ତମାନର ବରିଷ୍ଠ ବିଜେଡି ନେତା ସୁଦାମ ମାରାଣ୍ଡି ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ । ଜେଏମ୍ଏମ୍ ସାଂସଦ ଥିବା ସୁଦାମ ମାରାଣ୍ଡି ଉପରକୁ ଗୁଳିମାଡ ହୋଇଥିଲା । ୨୦୦୯ ଅକ୍ଟୋବର ୧୩ ତାରିଖରେ ବାରିପଦାରୁ ପ୍ରାୟ ୩୦ କିଲୋମିଟର ଦୂର ଓଡ଼ିଶା-ପଶ୍ଚିମବଙ୍ଗ ସୀମାର ସୁଳିଆପଦା ଥାନା ବଣ୍ଡାବ ଗାଁରେ ଚାଲିଥିବା ଏକ ଫୁଟ୍‌ବଲ୍ ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେବାକୁ ଯାଇଥିଲେ ସୁଦାମ । ସେଠାରେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା । ଏହା ପଛରେ ନକ୍ସଲଙ୍କ ହାତ ଥିବା କୁହାଯାଇଥିଲା । ସୌଭାଗ୍ୟବସତଃ ବଞ୍ଚି ଯାଇଥିଲେ ସୁଦାମ ମାରାଣ୍ଡି। ସୁରକ୍ଷା ଦେବାକୁ ଯାଇ ଜଣେ ଏଏସ୍ଆଇ, କନେଷ୍ଟବଳ ଓ ପିଏସଓଙ୍କ ମୃତ୍ୟୁ ହୋଇଥିଲା ।

**ଜଗବନ୍ଧୁ ମାଝୀ :** ଲାଲବାହିନୀର ଗୁଳିମାଡରେ ଟଳି ପଡିଥିଲେ ନବରଙ୍ଗପୁର ଜିଲ୍ଲା ଉମରକୋଟର ତତ୍କାଳୀନ ବିଜେଡି ବିଧାୟକ ଜଗବନ୍ଧୁ ମାଝୀ । ୨୦୧୧ ମସିହା ସେପ୍ଟେମ୍ବର ୧୧ ତାରିଖରେ କିଛି ମାଓବାଦୀଙ୍କ ଗୁଳିରେ ଟଳି ପଡିଥିଲେ ସେ । ଜମି ପଟ୍ଟା ବାଣ୍ଟୁ ଥିବା ବେଳେ ଗୁଳିମାଡ ହୋଇଥିଲା । ୩ ଦୁର୍ବୃତ୍ତ ବାଇକରେ ଆସି ପ୍ରଥମେ ଜଗବନ୍ଧୁଙ୍କ ପିଏସଓ ପରେ ଜଗବନ୍ଧୁଙ୍କ ଉପରକୁ ଗୁଳିମାଡ କରିଥିଲେ । ଏଥିରେ ଘଟଣାସ୍ଥଳରେ ଜଗବନ୍ଧୁଙ୍କ ପିଏସଓଙ୍କ ମୃତ୍ୟୁ ହୋଇଥିଲା । ପରେ ରାଇଘର ହସ୍ପିଟାଲରେ ଜଗବନ୍ଧୁଙ୍କ ଦେହାନ୍ତ ହୋଇଥିଲା । ଓଡିଶା ରାଜନୀତିରେ ପ୍ରଥମ ଥର ବିଧାୟକଙ୍କ ଗୁଳିମାଡ଼ରେ ମୃତ୍ୟୁ ହୋଇଥିଲା ।

**ଅଭିମନ୍ୟୁ ସାହୁ:** ବର୍ତ୍ତମାନର ମନ୍ତ୍ରୀ ଥିବା ଟୁକୁନି ସାହୁଙ୍କ ସ୍ୱାମୀଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା । ୨୦୧୩ ଡିସେମ୍ବର ୧୫ ତାରିଖରେ ଧାରୁଆ ଅସ୍ତ୍ରରେ ହାଣି ତାଙ୍କୁ ହତ୍ୟା କରିଥିଲେ କିଛି ଦୁର୍ବୃତ୍ତ । ପ୍ରାତଃଭ୍ରମଣରେ ଯାଉଥିବାବେଳେ ତାଙ୍କୁ ଆକ୍ରମଣ ହୋଇଥିଲା । ଏହାପଛରେ ବ୍ୟବସାୟିକ ଶତ୍ରୁତା ଥିବା କୁହାଯାଉଥିଲା । ଟିଟିଲାଗଡରେ ଜଣେ ଟାଣୁଆ ଯୁବ ବିଜେଡି ନେତା ଥିଲେ ଅଭିମନ୍ୟୁ ସାହୁ । ସେହି ଆକ୍ରମଣରେ ଆଖି ବୁଜିଥିଲେ ଅଭିମନ୍ୟୁ ।

**ଧନୁର୍ଜୟ ସିଦ୍ଧୁ:** ପୂର୍ବତନ କଂଗ୍ରେସ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କ ଉପରକୁ ମଧ୍ୟ ହୋଇଥିଲା ଅତର୍କିତ ଆକ୍ରମଣ । ୨୦୦୭ ଫେବୃଆରୀ ୨୬ ତାରିଖରେ କେନ୍ଦୁଝର ବଡବିଲ ନିକଟରେ ତାଙ୍କୁ ଗୁଳି କରାଯାଇଥିଲା । ସେତେବେଳ ଚମ୍ପୁଆ ବିଧାୟକ ଥିଲେ ଧନୁର୍ଜୟ । ଗାଡିରେ ଯାଉଥିବାବେଳେ ଗାଡିରେ କିଛି ଦୁର୍ବୃତ୍ତ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ । ସୌଭାଗ୍ୟବସତଃ ବର୍ତ୍ତି ଯାଇଥିଲେ ଧନୁର୍ଜୟ ସିଦ୍ଧୁ ।

**ନବକିଶୋର ଦାସ:** ୨୦୨୩ ମସିହା ଜାନୁଆରୀ ୨୯ ତାରିଖ । ସମୟ ପାଖାପାଖି ଅପରାହ୍ନ ୧୨ଟା ୩୦ । ବିଜୁଳି ବେଗରେ ଖବର ବ୍ୟାପି ଯାଇଥିଲା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିମାଡ ହୋଇଛି । ଝାରସୁଗୁଡାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବା ବେଳେ ଜଣେ ପୋଲିସ୍ ଏଏସଆଇ ତାଙ୍କ ଉପରକୁ ଗୁଳିମାଡ କରିଥିଲେ । ତୁରନ୍ତ ତାଙ୍କୁ ଭୁବନେଶ୍ୱର ଆପୋଲ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଥିଲା । ଭଗବାନଙ୍କ ନିୟମ ବୋଧେ କିଛି ଅଲଗା ଥିଲା । ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ରାତି ପ୍ରାୟ ୭ଟା ୩୦ରେ ଦୁନିଆକୁ ଅଲବିଦା କହିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ । ଏ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି । ଦେଶକୁ ଦୋହଲାଇ ଦେଇଛି ।





Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ– ଡ. ଜ୍ୟୋତିର୍ମୟ ପଟ୍ଟନାୟକ